Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:264✦20 January 2026 (Tuesday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୬୪✦୨୦ ଜାନୁଆରୀ ୨୦୨୬ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ସିଙ୍ଗୁର ରାଲିରେ ଗର୍ଜିଲେ ମୋଦୀ: 'ମହାଜଙ୍ଗଲରାଜ'ର ଶେଷ ସମୟ ଆସିଛି

ସିଙ୍ଗୁର,୧୯/୧: ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରକୁ ଜଡ଼ା ସମାଲୋଚନା କରିଛନ୍ତି । ଐତିହାସିକ ସିଙ୍ଗୁର ମାଟିରୁ ପ୍ରଧାନମନ୍ତ୍ରୀ ରାଜ୍ୟର ବର୍ତମାନର ଶାସନକୁ 'ମହା ଜଙ୍ଗଲରାଜ' ବୋଲି ଅଭିହିତ କରିଛନ୍ତି । ସିଙ୍ଗୁରରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୫ ବର୍ଷ ଧରି ପଶ୍ଚିମବଙ୍ଗର ଜନସାଧାରଣ କୁଶାସନର ଚରମ ସୀମା ଦେଖୁଛନ୍ତି । ସନ୍ଦେଶଖାଲିର ଅତ୍ୟାଚାର ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନରେ ଝିଅମାନଙ୍କ ଅସୁରକ୍ଷିତ ସ୍ଥିତି ଲୋକଙ୍କୁ ବିଚଳିତ କରିଛି । ଏହା ଶାସନ ନୁହେଁ, ଏଠାରେ 'ମହା ଜଙ୍ଗଲରାଜ୍' ଚାଲିଛି ଏବଂ ଏହାକୁ ଶେଷ କରିବା ସମୟ ଆସିସାରିଛି । ରାଜ୍ୟରେ 'ସିଣ୍ଡିକେଟ୍ ସଂସ୍କୃତି' ଏବଂ 'ଦାବାବତି ଶାସନ' ଚାଲିଛି ବୋଲି ଅଭିଯୋଗ କରି ପ୍ରଧାନମନ୍ତ୍ରୀ ଟିଏମ୍‌ସି ସରକାରକୁ ଜଡ଼ା ସମାଲୋଚନା କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ପାଇଁ ୮୩୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । କୋଲକାତାରୁ ନୂଆଦିଲ୍ଲୀ, ବାରାଣସୀ ଏବଂ ବେଙ୍ଗାଲୁରୁ ସଂଯୋଗ କରୁଥିବା ତିନୋଟି ନୂତନ 'ଅମୃତ ଭାରତ ଏକ୍ସପ୍ରେସ' ଟ୍ରେନର ଶୁଭାରମ୍ଭ ମଧ୍ୟ କରିଛନ୍ତି । ସିଙ୍ଗୁର ଇତିହାସରୁ ମନେ ପକାଇ ମୋଦୀ କହିଛନ୍ତି, ଯେଉଁ ସିଙ୍ଗୁର ଦିନେ ଶିଳ୍ପାୟନର କେନ୍ଦ୍ର ହେବାର ସ୍ୱପ୍ନ ଦେଖୁଥିଲା, ଆଜି ତାହା ରାଜନୈତିକ ସ୍ୱାର୍ଥ ଯୋଗୁଁ ପଛୁଆ ହୋଇ ରହିଛି । ସେ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଯଦି ରାଜ୍ୟରେ ବିଜେପି କ୍ଷମତାକୁ ଆସେ, ତେବେ 'ଡବଲ ଇଞ୍ଜିନ' ସରକାର ରାଜ୍ୟରେ ବୃହତ୍ ଶିଳ୍ପ ପ୍ରତିଷ୍ଠା କରିବେ ଏବଂ ଯୁବକମାନଙ୍କୁ ରୋଜଗାର ପ୍ରଦାନ କରିବେ । ୨୦୨୬ ନିର୍ବାଚନରେ ପରିବର୍ତନ ଆଣିବାକୁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, 'ପଲ୍‌ଟାନୋ ଦରକାର' (ପରିବର୍ତନ ଦରକାର)। ତୃଣମୂଳ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଏହି ଗଞ୍ଜୁଳୁ 'ନିର୍ବାଚନୀ ପର୍ଯ୍ୟଟନ' ବୋଲି କହି ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ସିଙ୍ଗୁରରୁ ମୋଦୀଙ୍କ ଏହି ସମ୍ବୋଧନ ରାଜ୍ୟ ରାଜନୀତିକୁ ସରଗରମ କରିଛି ।

## ରାଷ୍ଟ୍ରୀୟ ଅଧ୍ୟକ୍ଷ ପାଇଁ ନାମାଙ୍କନ ଦାଖଲ କଲେ ନୀତିନ ନବୀନ

ନୂଆଦିଲ୍ଲୀ,୧୯/୧: ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ସଭାପତି ପଦ ପାଇଁ କାର୍ଯ୍ୟକାରୀ ସଭାପତି ଥିବା ନୀତିନ ନବୀନ ହିଁ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରସ୍ତାବକ ରହି ନୀତିନଙ୍କ ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର କେ.ଲକ୍ଷ୍ମଣଙ୍କୁ ପ୍ରଦାନ କରିଛନ୍ତି । ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପୃଥକ ତିନୋଟି ସେଟ୍ ଦାଖଲ କରିଛନ୍ତି । ନୀତିନ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । କେବଳ ତାଙ୍କ ନାମରେ ଆନୁଷ୍ଠାନିକ ଘୋଷଣା ବାକି ଅଛି । ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ନାମାଙ୍କନ ପତ୍ର ଯାଚଁ ହେବ, ସନ୍ଧ୍ୟା ୫ଟାରୁ ୬ଟା ପ୍ରତ୍ୟାହାର, ଅନ୍ୟ କେହି ଯେହେତୁ ନାମାଙ୍କନ ଦାଖଲ କରିନାହାଁନ୍ତି ତେଣୁ ଆଜି ହିଁ ଆନୁଷ୍ଠାନିକ ଭାବେ ନୂଆ ଅଧ୍ୟକ୍ଷ ଭାବେ ନୀତିନ ନବୀନଙ୍କ ନାମ ଘୋଷଣା କରାଯିବ ।ନୀତିନଙ୍କୁ ସଭାପତି କରିବା ଲାଗି ଦଳ ପକ୍ଷରୁ ବୃହାତ୍ତ ନିଷ୍ପତ୍ତି ହୋଇଥିଲା । ନୀତିନ ନବୀନ ବିହାରର ବାଙ୍କିପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଅଛନ୍ତି । ନୀତିନ ନବୀନ ୨୦୦୬ ମସିହାରେ ପ୍ରଥମ ଥର ପାଇଁ ପାଟନା ପଶ୍ଚିମ ବିଧାନସଭା ଆସନରୁ ବିଧାୟକ ହୋଇଥିଲେ । ସେ ୨୦୧୦ ରୁ ୨୦୨୫ ପର୍ଯ୍ୟନ୍ତ ବାଙ୍କିପୁର ଆସନରୁ ନିରନ୍ତର ଜିତି ଆସୁଛନ୍ତି । ନୀତିନ ନବୀନ ବର୍ତ୍ତମାନ ବିହାରର ଏନଡିଏ ସରକାରରେ ରାସ୍ତା ନିର୍ମାଣ ବିଭାଗ ଏବଂ ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ ମନ୍ତ୍ରୀ ଅଛନ୍ତି । ନୀତିନ ନବୀନଙ୍କ ଜନ୍ମ ୧୯୮୦ ମସିହା ମେ ମାସରେ ଝାଡ଼ଖଣ୍ଡର ରାଞ୍ଚିରେ ହୋଇଥିଲା । ନିର୍ବାଚନ ଆୟୋଗଙ୍କୁ ତାଙ୍କ ନିର୍ବାଚନୀ ସତ୍ୟପାଠ ମାଧ୍ୟମରେ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ନୀତିନ ନବୀନଙ୍କ ପିତାଙ୍କ ନାମ ନବୀନ କିଶୋର ପ୍ରସାଦ ସିନ୍ହା, ଏବଂ ସେ ପାଟନାର ଫେଲର ଗୋଡର ବାସିନ୍ଦା । ସେ ନିଜକୁ ଜଣେ ସମାଜସେବୀ ଭାବରେ ବର୍ଣ୍ଣନା କରନ୍ତି । ତାଙ୍କ ନିର୍ବାଚନୀ ସତ୍ୟପାଠ ଅନୁଯାୟୀ, ତାଙ୍କୁ କୌଣସି ଫୌଜଦାରୀ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ । ନୀତିନ ନବୀନ ୧୯୯୬ ମସିହାରେ ପାଟନାର ସେଣ୍ଟ ମାଇକେଲ୍ ହାଇସ୍କୁଲରୁ ମାଟ୍ରିକ୍ ଏବଂ ୧୯୯୮ ମସିହାରେ ଦିଲ୍ଲୀର ସିଏସଇଏମ ପବ୍ଲିକ୍ ସ୍କୁଲରୁ ମଧ୍ୟମା ପରୀକ୍ଷା ସମାପ୍ତ କରିଥିଲେ । ନୀତିନ ନବୀନ ୨୦୧୬ ରୁ ୨୦୧୯ ପର୍ଯ୍ୟନ୍ତ ବିଜେପି ଯୁବ ମୋର୍ଚ୍ଚାର ବିହାର ରାଜ୍ୟ ସଭାପତି ଥିଲେ ।

## ଖେମିନିଙ୍କ ଉପରେ ଆକ୍ରମଣକୁ ଇରାନ ସହିତ ଯୁଦ୍ଧ ବୋଲି ବିବେଚନା କରାଯିବ:

ତେହେରାନ,୧୯/୧:ଆମେରିକା ସହିତ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ, ଇରାନ ରାଷ୍ଟ୍ରପତି ମାସୁଦ ପେଜେଶ୍କିଆନ ଚେତାବନୀ ଦେଇଛନ୍ତି ଯେ, ସର୍ବୋଚ୍ଚ ନେତା ଆୟାତୋଲ୍ଲା ସୟଦ ଅଲି ଖେମିନିଙ୍କ ଉପରେ ଯେକୌଣସି ଆକ୍ରମଣକୁ ଇରାନ ସହିତ ଏକ ଯୁଦ୍ଧ ଭାବେ ବିବେଚନା କରାଯିବ । ପେଜେଶ୍କିଆନ କହିଛନ୍ତି, ଆମେରିକା ଓ ସହଯୋଗୀମାନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅମାନବୀୟ ପ୍ରତିବନ୍ଧକ ଇରାନ ଜନତା ସମ୍ମୁଖୀନ ହେଉଥିବା ଆର୍ଥିକ ଦୁର୍ଦ୍ଦିନର ଏକ ମୁଖ୍ୟ କାରଣ । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, ରାଷ୍ଟ୍ରପତି ମାସୁଦ ପେଜେଶ୍କିଆନ କହିଛନ୍ତି, ଯେକୌଣସି ଅନ୍ୟାୟ ଆକ୍ରମଣର ପ୍ରତି ଇରାନର ପ୍ରତିକ୍ରିୟା କଠୋର ଓ ଦୃଢ଼ଖର ହେବ । ଯଦି ପ୍ରଦର୍ଶନକାରୀଙ୍କ ବିରୋଧରେ ହତ୍ୟା କିମ୍ବା ମୃତ୍ୟୁଦଣ୍ଡାଦେଶ ଜାରି ରଖାଯାଏ, ତେବେ ସମ୍ଭାବ୍ୟ ହସ୍ତକ୍ଷେପ ବିଷୟରେ ବାରମ୍ବାର ଚେତାବନୀ ଦେଇଥିବା ତଥା ପଲିଟିକୋ ସହିତ ଏକ ସାକ୍ଷାତକାରରେ ଇରାନରେ ନୂତନ ନେତୃତ୍ୱ ଖୋଜିବାର ସମୟ ଆସିଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ ପରେ ପେଜେଶ୍କିଆନଙ୍କ ଏଇଭଳି ପ୍ରତିକ୍ରିୟା ଆସିଛି । ଶନିବାର ଆୟାତୋଲ୍ଲା ଅଲି ଖେମିନି କହିଥିଲେ ଯେ, ଇରାନର ସାମ୍ପ୍ରତିକ ହିଂସାରେ ବିଦେଶୀ ଚକ୍ରାନ୍ତକାରୀଙ୍କ ଦ୍ୱାରା କରାଯାଇଥିବା ହତ୍ୟା ଓ ପୋଡ଼ାଳକା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହିଁ ମୁଖ୍ୟ ଦୋଷୀ । ଇରାନରେ ହୋଇଥିବା ହତ୍ୟା, କ୍ଷତି ଓ ମିଥ୍ୟା ଅଭିଯୋଗ ପାଇଁ ଆମେରିକା ରାଷ୍ଟ୍ରପତି ଦାୟୀ ।

## ବିଜେପିକୁ ଶିବସେନା ଅଡୁଆ !

### ବିଏମସି ମେୟର ପଦ ନେବାକୁ ସିନ୍ଦେଙ୍କ ଦାବି, ଉଦ୍ଧବ ବି ଆକ୍ଟିଭ୍

ମୁମ୍ବାଇ,୧୯।୧: ବ୍ରିହନ ମୁମ୍ବାଇ ନଗର ନିଗମ (ବିଏମସି) ନିର୍ବାଚନରେ ମହାଯୁତିରୁ ସର୍ବବୃହତ ମିଳିବା ପରେ ମହାରାଷ୍ଟ୍ର ରାଜନୀତି ନୂଆ ପେଚରେ ଫସିଛି । ବିଜେପି ମୁମ୍ବାଇରେ ସବୁଠୁ ବଡ଼ ଦଳ ହୋଇ ଉଭାହୋଇଥିବାବେଳେ ପ୍ରଥମ କରି ବିଜେପିର ଜେହି ମୁମ୍ବାଇ ମେୟର ହେବାର ସମ୍ଭେକ ମିଳୁଛି । କିନ୍ତୁ ବିଜେପି ରାସ୍ତାକୁ ଅଡୁଆ କରିଛନ୍ତି ଏହାର ସହଯୋଗୀ ଏକନାଥ ସିନ୍ଦେ । ସିନ୍ଦେଙ୍କ ଶିବସେନା ୨୯ କର୍ପୋରେଟରର ଆସନ ଜିତିଥିବାରୁ ମେୟର ନିର୍ବାଚନରେ ଏହା ବଡ଼ ଭୂମିକା ତୁଲାଇବ । ଜାଉଣ ୨୨୭ ୱାର୍ଡରୁ ବିଜେପି ୮୯ ୱାର୍ଡରେ ଜିତିଛି । ବହୁମତ ସଂଖ୍ୟା ୧୧୪ ରହିଥିବାରୁ ବିଜେପିକୁ ସିନ୍ଦେ ଘୋଷାର କର୍ପୋରେଟର ଆବଶ୍ୟକ ପଡ଼ିବ । ଏପରି ସ୍ଥିତିରେ ସିନ୍ଦେ କିନ୍ତୁ ମେୟର ପଦ ହାତକୁ ନେବାକୁ ଅଡ଼ି ବସିଥିବା ଚର୍ଚ୍ଚା ହେଉଛି । ତେଣୁ ସିନ୍ଦେ ତାଙ୍କ ୨୯ କର୍ପୋରେଟରଙ୍କୁ ବାସ୍ତ୍ରା ସ୍ଥିତ ଏକ ପଂଚତାରକା ହୋଟେଲକୁ ପଠାଇ ଦେଇଛନ୍ତି । ବାହାରେ ଜଡ଼ା ପହରା ଦିଆଯାଉଛି । ରିପୋର୍ଟ ଅନୁସାରେ,୨୦୨୬ ହେଉଛି ଶିବସେନା ସଂସ୍ଥାପକ ବାଲା ସାହେବ ଠାକ୍ରେଙ୍କ ଜନ୍ମ ଶତାବ୍ଦୀ ବର୍ଷ । ତେଣୁ ଅବିଭକ୍ତ ଶିବସେନା ମେୟର ପଦବାଦି କରୁଛି । ଏହାକୁ ନେଇ ବିଜେପି ଏବଂ ସିନ୍ଦେ ଘୋଷୀ ମଧ୍ୟରେ ତୁରୁ ମେଁମଁ ଆରମ୍ଭ ହୋଇସାରିଛି ।

## ଗୋ-ଚାଲାଣ ଓ ଗୋ-ତସ୍କରୀ ଜଗିବାକୁ ସବୁ ଜିଲ୍ଲାର ଏସ୍‌ପିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୧(ନି/ପ୍ର): ଗୋ-ଚାଲାଣ ଓ ଗୋ-ତସ୍କରୀ ଜଗିବାକୁ ପ୍ରତ୍ୟେକ ଜିଲ୍ଲାର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗୋ-ଚାଲାଣକାରୀ ଓ ଗୋ-ତସ୍କରଙ୍କ ଉପରେ ରାଜ୍ୟବ୍ୟାପୀ ତଦାରକ କରାଯାଉଛି । ଗୋ-ଚାଲାଣକାରୀ ଓ ଗୋ-ତସ୍କରୀ ଭଳି କାର୍ଯ୍ୟକୁ ନିବୃତ ରୁହନ୍ତୁ ନତେତ ଜେଲ୍ ଯିବେ ବୋଲି ଚେତାବନୀ ଦେଇଛନ୍ତି ମନ୍ତ୍ରୀ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗୋ-ଚାଲାଣକାରୀ ଓ ଗୋ-ତସ୍କରଙ୍କ ଉପରେ ଚଢ଼ାଉ କରାଯାଉଛି । ୧୦ ଜଣଙ୍କୁ କୋର୍ଟ ଚାଲାଣ ହେଲେଣି, ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଗଲାଣି । ଏଥିରେ ଯେଉଁମାନେ ଜଡିତ ଜାହାଙ୍କୁ ଛଡାଯିବ ନାହିଁ । ବିଜେପି ସରକାର ପାଇଁ ଗୋ-ସୁରକ୍ଷା ପ୍ରଥମ, ଏହି କାର୍ଯ୍ୟକୁ ସମସ୍ତେ ନିବୃତ ରୁହନ୍ତୁ । ନ ହେଲେ ଜେଲ୍ ଯିବାକୁ ପ୍ରସ୍ତୁତ ହୁଅନ୍ତୁ । ଗତ ସରକାରରେ ପ୍ରଶାସନ ଅଧିକାରୀ ଓ ରାଜନେତାଙ୍କ ପ୍ରୋତ୍ସାହନରେ ଗୋ-ଚାଲାଣ ହେଉଥିଲା । ହେଲେ ବିଜେପି ସରକାର ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି, ପ୍ରତ୍ୟେକ ଜିଲ୍ଲାର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଗଲା ଗୋଚାଲାଣ ଜଗିବେ । ଏହାସହ ଜବତ କରିବା ପରେ ଗାଈଙ୍କୁ ରଖିବାକୁ ଗୋଶାଳା ପାଇଁ ସ୍ୱତନ୍ତ୍ର ବଜେଟ୍ କରାଯାଇଛି । ଏଥିରେ ନଗର ଉନ୍ନୟନ ବିଭାଗ ବି ସହଯୋଗ କରୁଛି । ଆଗାମୀ ଦିନରେ ଏହି ପ୍ରକ୍ରିୟା ଆହୁରି ସରଳୀକରଣ ହେବ ।

## କଟକରେ ବଡ଼ ଅଘଟଣ

### ଗାତ ଖୋଳା ବେଳେ ପାଇପ ଫାଟି ଗ୍ୟାସ୍ ଲିକ୍

କଟକ,୧୯।୧(ନି/ପ୍ର):ଗ୍ୟାସ୍ ପାଇପ୍ ଲିକ୍ । କଟକ ସିଡିଏ-୧୦ ପରିବା ମାର୍କେଟ ନିକଟରେ ଥିବା ଏକ ପାଇପ୍ ଫାଟି ଗ୍ୟାସ୍ ଲିକ୍ ହେଉଛି । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ଗେଲର ଗାଡ଼ି ଆସି ଲିକକୁ ନିୟନ୍ତ୍ରଣ କରୁଥିବା ଜଣାପଡିଛି । ଖବର ଅନୁଯାୟୀ, କଟକ ସିଡିଏ ୧୦ ନମ୍ବର ପରିବା ମାର୍କେଟ ନିକଟରେ ଥିବା ପାଇପ ଫାଟି ଗ୍ୟାସ୍ ଲିକ୍ ହୋଇଛି । ମାର୍କେଟ ନିକଟରେ ଥିବା ସେଟ୍ରୋଲ ପମ୍ପ ପରିସରରେ ଗଛ କଟା ଓ ଗାତ ଖୋଳା ବେଳେ ଡ୍ରୋଜର ମାଡ଼ରେ ଗ୍ୟାସ୍ ପାଇପ ଫାଟି ଯାଇଥିଲା । ଯାହାପରେ ଗ୍ୟାସ୍ ଲିକ୍ ହୋଇ ଉପରକୁ ଉଠିଥିଲା । ଏହାପରେ ତୁରନ୍ତ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ । ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଓ ଗେଲ ଏକ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ ଲିକ୍ ହେଉଥିବା ସ୍ଥାନକୁ ନିୟନ୍ତ୍ରଣ କରୁଛନ୍ତି । ଗ୍ୟାସ୍ ଲିକକୁ ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି ଉଭୟ ଟିମ୍ ।

## ଭିତରକନିକାରେ କୁମ୍ଭୀର ଗଣନା ଶେଷ

ରାଜନଗର,୧୯/୧: ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ଓ ରାଜନଗର ବନଖଣ୍ଡରେ କୁମ୍ଭୀର ଗଣନା ଶେଷ ହୋଇଛି । ବନଖଣ୍ଡ ଅଧିକାରୀ ଉଦବରାଜ ଗାଉଁକର ଏନେଇ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଭିତରକନିକାରେ ଚଳିତ ବର୍ଷ ୧୮୫୮ ଟି କୁମ୍ଭୀର ଥିବା ଜଣାପଡିଛି । ୨ ଫୁଟରୁ ଆରମ୍ଭ କରି ୮ ଫୁଟରୁ ଅଧିକ ପର୍ଯ୍ୟନ୍ତ କୁମ୍ଭୀରର ଗଣନା କରାଯାଇଥିଲା । ୨୦୨୫ ମସିହାରେ ୧୮୨୬ଟି କୁମ୍ଭୀର ଥିବା ବେଳେ ଚଳିତ ବର୍ଷ ମାତ୍ର ୩୨ଟି କୁମ୍ଭୀର ଅଧିକ ଥିବା ଜଣାପଡିଛି । ଗତ ଜାନୁଆରୀ ୮ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଏହି ଗଣନା କରାଯାଇଥିଲା । ଏହି ଗଣନାରେ ପ୍ରାଣୀ ବିଶାରଦଙ୍କ ସହ, ରେଞ୍ଜ ଅଫିସର, ଫରେଷ୍ଟର, ଫରେଷ୍ଟଗାର୍ଡ ଓ ବନକର୍ମଚାରୀ ମାସରେ କେନ୍ଦ୍ର ସଂସ୍କୃତି

## ସାହିତ୍ୟ ଏକାଡେମୀ ବିବାଦ ମଧ୍ୟରେ ୭ ଭାଷା ପାଇଁ ତାମିଲନାଡୁ ସାହିତ୍ୟ ପୁରସ୍କାର ଘୋଷଣା

ତାମିଲନାଡୁ,୧୯/୧: ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଘୋଷଣା କରିଛନ୍ତି ଯେ, ତାମିଲନାଡୁ ସରକାର ଚିଛି ଭାରତୀୟ ଭାଷାରେ ଉତ୍କୃଷ୍ଟ କୃତି ପାଇଁ ଜାତୀୟ ସ୍ତରୀୟ ସାହିତ୍ୟ ପୁରସ୍କାର ପ୍ରତିଷ୍ଠା କରିବେ । ଚେନ୍ନାଇ ଆନ୍ତର୍ଜାତୀୟ ପୁସ୍ତକ ମେଳା (ସିଆଇବିଏଫ୍)ରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ଦିସେମ୍ବର ମାସରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ହସ୍ତକ୍ଷେପ ପରେ ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୫ ରଦ କରାଯିବା ପରେ ଷ୍ଟାଲିନ ଏଇଭଳି ଘୋଷଣା କରିଛନ୍ତି । ପ୍ରତ୍ୟେକ ପୁରସ୍କାର ପାଇଁ ୫ ଲକ୍ଷ ଟଙ୍କା ନଗଦ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଚିଛି ଭାରତୀୟ ଭାଷାରେ ପ୍ରକାଶିତ ଉତ୍କୃଷ୍ଟ ସାହିତ୍ୟିକ କୃତି ପାଇଁ ବାର୍ଷିକ ଜାତୀୟ ସ୍ତରୀୟ ସମ୍ମାନ ''''ସେମ୍ମୋଝି ସାହିତ୍ୟିକ ପୁରସ୍କାର'''' ପ୍ରଦାନ କରିବେ । ପ୍ରଥମ ପର୍ଯ୍ୟାୟରେ, ତାମିଲ, ତେଲୁଗୁ, କନ୍ନଡ, ମାଲାୟଲମ, ଓଡ଼ିଆ, ବଙ୍ଗାଳୀ ଓ ମରାଠୀ ଭାଷାରେ ଲେଖାଗୁଡ଼ିକୁ ସ୍ୱୀକୃତି ଦିଆଯିବ । ପ୍ରତ୍ୟେକ ପୁରସ୍କାର ପାଇଁ ୫ ଲକ୍ଷ ଟଙ୍କାର ନଗଦ ଦିଆଯିବ । ସ୍ୱଚ୍ଛତା ସୁନିଶ୍ଚିତ କରିବା ଓ ସାହିତ୍ୟିକ ମାନଦଣ୍ଡ ବଜାୟ ରଖିବା ପାଇଁ, ପ୍ରତ୍ୟେକ ଭାଷା ଲାଗି ପ୍ରଖ୍ୟାତ ଲେଖକ ତଥା ପୁରସ୍କାର ବିଜେତା ଲେଖକମାନଙ୍କୁ ନେଇ ପୃଥକ ପୃଥକ ଚୟନ କମିଟି ଗଠନ କରାଯିବ ବୋଲି ସେ କହିଛନ୍ତି । ସାହିତ୍ୟ ପୁରସ୍କାରରେ ରାଜନୈତିକ ହସ୍ତକ୍ଷେପ ବିପଜ୍ଜନକ ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା ଆଦୌ ହେବ ବି ନାହିଁ ତାହା ଅନିଶ୍ଚିତ ବୋଲି ଉଲ୍ଲେଖ କରି ଷ୍ଟାଲିନ୍ କଳା ଓ ସାହିତ୍ୟ ପୁରସ୍କାରରେ ରାଜନୈତିକ ହସ୍ତକ୍ଷେପକୁ ବିପଜ୍ଜନକ ବୋଲି କହିଛନ୍ତି । ଲେଖକ ଓ ସାହିତ୍ୟ ସଂଗଠନର ପ୍ରତିନିଧିମାନେ ରାଜ୍ୟ ସରକାରଙ୍କୁ ଗଠନମୂଳକ ଭାବରେ ପ୍ରତିକ୍ରିୟା ଦେବାକୁ ସେ ଅନୁରୋଧ କରିଛନ୍ତି । ଚେନ୍ନାଇ ଆନ୍ତର୍ଜାତୀୟ ପୁସ୍ତକ ମେଳାର ପ୍ରଶଂସା କରି ଷ୍ଟାଲିନ୍ କହିଛନ୍ତି ଯେ ସାହିତ୍ୟିକ ଅଧିକାରର ଆଦାଶପ୍ରଦାନକୁ କେବଳ ବ୍ୟବସାୟ ଭାବରେ ନୁହେଁ ବରଂ ଭାଷାଗୁଡ଼ିକ ମଧ୍ୟରେ ଏକ ସାଂସ୍କୃତିକ ହାତ ମିଳାଇବା ଭାବରେ ଦେଖାଯିବା ଉଚିତ । ସଙ୍ଗମ ସାହିତ୍ୟରୁ ଆଧୁନିକ ଲେଖା ପର୍ଯ୍ୟନ୍ତ, ତାମିଲ ପୁସ୍ତକଗୁଡ଼ିକ ବିଶ୍ୱ ଦର୍ଶକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ । ତାମିଲନାଡୁ କେବଳ ବ୍ୟବସାୟିକ ନିବେଶ ପାଇଁ ଏକ ଅନୁକୂଳ ସ୍ଥାନ ନୁହେଁ, ବରଂ ବୌଦ୍ଧିକ ଆଦାନପ୍ରଦାନ ଓ ଜ୍ଞାନ ଆଦାନପ୍ରଦାନ ପାଇଁ ମଧ୍ୟ ଏକ ସ୍ଥାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସ୍ପେନରେ ଭୟଙ୍କର ଟ୍ରେନ ଦୁର୍ଘଟଣା : ୨ ଯାତ୍ରୀବାହୀ ଟ୍ରେନ ମଧ୍ୟରେ ଧକ୍କା

ସ୍ପେନ,୧୯/୧:ସ୍ପେନରେ ଭୟଙ୍କର ଟ୍ରେନ ଦୁର୍ଘଟଣା । ଦୁଇ ଯାତ୍ରୀବାହୀ ଟ୍ରେନ ମଧ୍ୟରେ ଧକ୍କା । ଗୋଟିଏ ଟ୍ରେନ ଲାଇନଚ୍ୟୁତ ହୋଇ ଅନ୍ୟ ଟ୍ର

# କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


## ଡି.ଆଇ.ଇ.ଟି ରେ ଦ୍ୱିଦିବସୀୟ ଜିଲ୍ଲାସ୍ତରୀୟ ପାଠ୍ୟଚକ୍ର ଉଦ୍‌ଯାପିତ

କେନ୍ଦୁଝର,୧୯/୧ (ନି/ପ୍ର):ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନରେ ଆୟୋଜିତ ବୁଧବିନିଶା ପାଠ୍ୟଚକ୍ର ଶନିବାର ଉଦଯାପିତ ହୋଇଛି ।ପ୍ରତିଷ୍ଠାନର ଅଧ୍ୟକ୍ଷ କଲ୍ୟାଣୀ ମାଝୀଙ୍କ ଅଧ୍ୟକ୍ଷତାରେ ରାଜଧାନୀ ମହାବିଦ୍ୟାଳୟର ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଡ଼ ଅଳୟ କୁମାର ଷାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ବିଭାଗ ମୁଖ୍ୟ ଶ୍ରୀ ଜଗନ୍ନାଥ କୁଣ୍ଡାର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ ।କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ, ଡି.ଆଇ.ଇ.ଟି ର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଡଃ ଅକ୍ଷୟ କୁମାର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସାଗରିକା ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନରସିଂହ ମୁର୍ମୁ ଅତିଥି ପରିଚୟ ଦେଇଥିଲେ ।ପାଠ୍ୟଚକ୍ର ବିଭାଗର ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଦେବସ୍ମିତା ଚକ୍ର ପାଠ୍ୟଚକ୍ରର ଉଦ୍ଦେଶ୍ୟ ଓ ସାରାଂଶ ଉପସ୍ଥାପନ କରିଥିଲେ ।ପ୍ରଥମ ଅଧିବେଶନରେ ବରିଷ୍ଠ ପ୍ରଶିକ୍ଷିକା ସାଂକ୍ଷୀ ସୋରେନ ଙ୍କ ସଂଯୋଜନାରେ ଚାରୋଟି ସଂଦର୍ଭ ଓ ଦ୍ୱିତୀୟ ଅଧିବେଶନ ରେ ଚାରୋଟି ସଂଦର୍ଭ ଉପସ୍ଥାପିତ ହୋଇଥିଲା ।ଡଃ ଅଳୟ କୁମାର ଷାଇଁ ଏବଂ ଡଃ ଜଗନ୍ନାଥ କୁଣ୍ଡାର ସଂଦର୍ଭ ସୂଚକ ମୂଲ୍ୟାୟନ କରିଥିଲେ ।ପାଠ୍ୟଚକ୍ରରେ ପାଟଣା ବ୍ଲକର ରାମେଶ୍ୱର ବାଲିକ,ପ୍ରଶାନ୍ତ କୁମାର,ଶ୍ରୀତଡିହି ବ୍ଲକର କେଶବ ଚନ୍ଦ୍ର ଜଳ ଙ୍କର ସଂଦର୍ଭ ଶ୍ରେଷ୍ଠ ବିବେଚିତ ହୋଇଥିଲେ ।ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।ବରିଷ୍ଠ ପ୍ରଶିକ୍ଷକ ନରସିଂହ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ।ସିଧା ପ୍ରସାରଣ ରେ ଶିକ୍ଷକ ପ୍ରଶିକ୍ଷକ ନୀଳାମ୍ବରି ବିହାରୀ ମହାପାତ୍ର ସହଯୋଗ କରିଥିଲେ ।ଡି.ଆଇ.ଇ.ଟି କେନ୍ଦୁଝର ର ସମସ୍ତ ବରିଷ୍ଠ ପ୍ରଶିକ୍ଷକ/ ପ୍ରଶିକ୍ଷିକା ସଞ୍ଜିତ କୁମାର ପ୍ରଧାନ,ନବୀତା ତଳିନୀ ପଣ୍ଡା , ଶିକ୍ଷକ ପ୍ରଶିକ୍ଷକ ବିବେକାନନ୍ଦ ନାୟକ,ଅମିତ କୁମାର ଗିରି,ସୁରେଶ କୁମାର ନାୟକ ଏବଂ ପ୍ରଥମ ଓ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ର ଛାତ୍ରୀ ଉପସ୍ଥିତ ରହି ପାଠ୍ୟଚକ୍ର କୁ ସଫଳ ରୂପାୟନ କରିଥିଲେ ।

## ଭୀମକୁଣ୍ଡ ମକର ମେଳା ଦ୍ୱିତୀୟ ଦିନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

କେନ୍ଦୁଝର, ୧୯/୧(ନି/ପ୍ର): କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଠାରେ ମକର ସଂକ୍ରାନ୍ତି ଉପଲକ୍ଷେ ୩ ଦିନିଆ ମକର ମହୋତ୍ସବ ଖୁବ ଧୁମଧାମରେ ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଦିନର ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ମମତା ମହାନ୍ତ ଉପସ୍ଥିତ ରହି ମେଳାର ଗୌରବ ବଢ଼ାଇ ଥିଲେ । ଆକର୍ଷଣୀୟ ମୁକ୍ତ ରଙ୍ଗ ମଂଚରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହଜାର ହଜାର ପର୍ଯ୍ୟଟକ ମନଭରି ଉପଭୋଗ କରିଥିଲେ । ଆଜିର ଉତ୍ସବରେ ମୁଖ୍ୟ ବକ୍ତା ଭାବେ କେନ୍ଦୁଝର ଜିଲ୍ଲା ଲେଖିକା ସଂସଦର ସମ୍ପାଦିକା ତଥା ଆକାଶବାଣୀ କେନ୍ଦୁଝର ର ଅସ୍ଥର ପ୍ରାପ୍ତ ଉପସ୍ଥାପିକା ଇନ୍ଦୁମତି ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବୁଢୁରିଆ ସରପଂଚ ଗୌରହରି ନାଏକ, ସାମାଜିକ କର୍ମୀ ରାଧାକାନ୍ତ ମହାନ୍ତ, କୁଟୁମିସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ସୋମବାରୀ ମୁଣ୍ଡା, ବିଦ୍ୟାଧର ମହାନ୍ତ, ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ପାର୍ଥସାରଥୀ ବେଜ ମଂଚ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆକର୍ଷଣୀୟ ମୁକ୍ତ ରଙ୍ଗ ମଂଚରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସରା କାର୍ଯ୍ୟ ପରେ ସମ୍ବଲପୁରର ବିଶିଷ୍ଟ କଳାକାର, ମାଚାରିଣୀ ନୃତ୍ୟ ଶିକ୍ଷାକେନ୍ଦ୍ର ଘଟଗାଁ, ଏମ୍ବେଲ ଝୁମୋର ଗ୍ରୁପ ଏବଂ ବଣମହୁଲିଡିହା ଓ ପଲାଶଗାଡି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ, ଝୁମୋର, ସମ୍ବଲପୁରୀ ଓ ଗୋଟିପୁଆ ନୃତ୍ୟ ପରିବେଷଣ କରାଯାଇଥିଲା ।

## ରାଷ୍ଟ୍ରୀୟ ଯୁବ ଦିବସ ଓ ଆଇନ୍ ସଚେତନତା ସଭା

ଧର୍ମଶାଳା,୧୯/୧(ନି/ପ୍ର):ଯାଜପୁର ଜିଲା ଦେଓଗାଁ ଜଲ୍‌ପଥ ଅଞ୍ଚଳ ସେବା ପ୍ରଧାନକରୀ ଅଧ୍ୟକ୍ଷ ଅମୃତ ଚନ୍ଦନ ନନ୍ଦଙ୍କ ନିର୍ଦ୍ଦେଶାନୁସାରେ ପ୍ରାଧିକରଣ ପକ୍ଷରୁ ଯାଜପୁର ମୁଖ୍ୟ ଏସ୍ପ୍ଲାନେଡ଼ ଠାରେ ବିଭିନ୍ନ ମହିଳା ରାଷ୍ଟ୍ରୀୟ ଯୁବ ଦିବସ ପାଳନ ସହିତ ଆଇନ୍‌ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାଧିକାରୀ ପ୍ରତିନିଧି ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ର ନାରାୟଣ ସୁଣ୍ଡିଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌର ସୁନ୍ଦର ଦାସ,ମୁଖ୍ୟ ବିଚାର ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ ଓ ଆଡଭୋକେଟ୍ ଜୁଲମଶିମାୟକ ଅତିଥିଭାବେ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ ସହିତ ବାଲ୍ୟ ବିବାହ ନିରୋଧ ଆଇନ ୨୦୬୬ ଓ ମାଦକ ଦ୍ରବ୍ୟ ସେବନର ଭୟାବହ ପରିଣତି ଓ ନିଶାମୁକ୍ତ ଭାରତ ସମ୍ପର୍କରେ ଆଲୋଚନା କରିଥିଲେ ।

## ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୧୯/୧(ନି/ପ୍ର): ଆଜି ଜିଲ୍ଲା ସଂସ୍କୃତିଭବନ ପ୍ରେକ୍ଷାଳୟ ଠାରେ ଓଡିଶା ମାଧ୍ୟମିକ୍‌ସ୍କୁଲ ଅବସରପ୍ରାପ୍ତ ଶିକ୍ଷକଓ କର୍ମଚାରୀ ସଂଘ ପକ୍ଷରୁ ୨୦୨୬ବର୍ଷ ନିମନ୍ତେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୩ଜଣ ମହିଳା ୧୧୨ଜଣ ପୁରୁଷ ଅବସର ପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇବା ସହିତ ସେମାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଛି, ଏ ଉପଲକ୍ଷେ ସଞ୍ଚୟ ବସନ୍ତ ଚକ୍ର ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭା ରେ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ମୁଖ୍ୟ ଅତିଥି, ରାଜ୍ୟ ଶିକ୍ଷା ବିଭାଗ ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଦାନୀଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ବସନ୍ତ କୁମାର ଦାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତ ଙ୍କ କର୍ମମୟ ଜୀବନକୁ ସାଞ୍ଚିଟି ଥିବା ଅଭିଜ୍ଞତା କୁ ସମାଜକଲ୍ୟାଣ ଦିଗରେ ବିନିଯୋଗ କରିବାକୁ ଆହ୍ୱାନ ଦେଇଥିଲେ, ସମ୍ପାଦକ ରବୀନ୍ଦ୍ର କୁମାରପତ୍ତା ଏ ସମ୍ବର୍ଦ୍ଧନା ରେ ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ କହିବା ସହିତ ସଙ୍ଘର ବିବରଣୀ ପ୍ରଦାନ କରିଥିଲେ, କାର୍ଯ୍ୟକାରୀ ସଭାପତି ଚିନ୍ତାମଣୀ ଜେନା, କୋଷାଧ୍ୟକ୍ଷ ମଦନମୋହନ ଦ୍ୱିବେଦୀ ନିଜ ନିଜ ବକ୍ତବ୍ୟ ରଖିଥିବା ବେଳେ ଗୁଣୀଳ ନାୟକ, କ୍ଷୀରୋଦ ରାଉତ, ଭିକାରି ସାହୁ, ରଘୁନାଥ ବେହେରା, ମନୁଜ ନାଥ ମହାନ୍ତ, ସୁଧାକର ପଣ୍ଡା, ଅଞ୍ଜାନ କୁମାରଚାନ୍ଦ, ନଳିନୀକାନ୍ତ ଘଣା, ଶଶୀନାଥ ମହାନ୍ତ, ପ୍ରସନ୍ନ ପରିଡା, କୃଷ୍ଣ ଚନ୍ଦ୍ର ରଥ, ବାଙ୍କ ବିହାରୀ ମହାନ୍ତ, ଗୌର ଗିରି, ରବି ସାହୁ, ବଳରାମ ରାଉତ, ଭାଗିରଥି ଗିରି, ବିଶ୍ୱାୟର ଗିରି ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ ।

## ଏବିଭିପି ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ଉପଲକ୍ଷେ କ୍ରୀଡା ମହାକୁମ୍ଭ ଉଦ୍‌ଯାପିତ

କେନ୍ଦୁଝର,୧୯/୧(ନି/ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଏବିଭିପି କେନ୍ଦୁଝର ଶାଖା ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ଉପଲକ୍ଷେ କ୍ରୀଡା ମହାକୁମ୍ଭ ଶନିବାର ଉଦଯାପିତ ହୋଇଯାଇଛି । ରାଷ୍ଟ୍ରୀୟ ଯୁବ ଦିବସ ଉପଲକ୍ଷେ ୧୨ ଜାନୁଆରୀ ଠାରୁ ବିଭିନ୍ନ ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା । ଏହି କ୍ରମରେ ୮ ଟି ଟିମ କୁନେଇ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲ ମ୍ୟାଚ ରେ ଭାଇନାମିକ ଏକ୍ସ.ଆଇ ସହିତ ଟାଇଟନ ଏକ୍ସ.ଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଭାଇନାମିକ ଏକ୍ସ.ଆଇ ବ୍ୟାଟିଂ କରି ୧୦୪ ରନ ହାସଲ କରିଥିବା ବେଳେ ଟାଇଟନ ଏକ୍ସ.ଆଇ ୭ ଅଭରରେ ୯୦ ରନ କରି ଅଲଆଉଟ ହୋଇ ରନର୍ସଅପ ହୋଇଥିଲା । ଏଣୁ ଭାଇନାମିକ ଏକ୍ସ.ଆଇ ଏହି ମ୍ୟାଚ ରେ ବିଜେତା ଘୋଷିତ ହୋଇଥିଲା । ମ୍ୟାନଅଫଦି ମ୍ୟାଚ ଭାବେ ମନୋରଞ୍ଜନ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟର ପ୍ରତିଭା ପୃଷ୍ଟି,ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଯୁବ ସାମାଜିକ ତୁକକିଶୋର ରାୟ, ସାଂସଦ ପ୍ରତିନିଧି ରବିନାରାୟଣ ମହାନ୍ତ, ବର୍ଣ୍ଣନ ବିଭାଗର ପ୍ରାଧାପିକା ମମତା ପଣ୍ଡା, ଏବିଭିପି ର ନଗର ସଭାପତି ନିରଞ୍ଜନ ସାହୁ, ଜିଲ୍ଲାପ୍ରମୁଖ ପ୍ରସନ୍ନ କୁମାର ପ୍ରଧାନ ମଚାଂସୀନ ହୋଇ ଖେଳାଳି ମାନଙ୍କୁ ପୁରସ୍କୃତ କରିବା ସହିତ ଉତ୍ସାହିତ କରିଥିଲେ । ବେଦ୍‌ମିଙ୍ଗନ, ଚେସ, ସାଧାରଣ ଜ୍ଞାନ, ରଙ୍ଗୋଳି ପରି ବିଭାଗ ଗୁଡିକରେ ପ୍ରତିଯୋଗିତା ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏବିଭିପି ର ଜିଲ୍ଲା ସଂଯୋଜକ ସ୍ୱରାଜକେତନ ମହାନ୍ତ, କାର୍ଯ୍ୟକର୍ତ୍ତା ଜ୍ଞାନେଶ୍ୱର ମହାନ୍ତ, ଦେବୀପ୍ରସାଦ ପାତ୍ର, ସୋହନ ବେଡି, ଶାଶ୍ୱତ ତ୍ରିପାଠୀ, ଅନୁପମା ନାଏକ, ସ୍ୱତିରଞ୍ଜନ ଜେନା, ଆଲୋକବ୍ୟାଡି ମହାପାତ୍ର, କ୍ଷିତେଶ ବେହେରା, ରଶ୍ମିଙ୍କଜନ ବେହେରା, ରାଜେଶ ସେଠି, ହରପ୍ରିୟା ମହାନ୍ତ ପ୍ରମୁଖ ତଥା ଅନ୍ୟ କାର୍ଯ୍ୟକର୍ତ୍ତା ମାନେ ଏହି କ୍ରୀଡା ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ଜିନ୍ଦଲ ଷ୍ଟିଲ ପକ୍ଷରୁ ତମାଖୁମୁକ୍ତ ସଚେତନତା ପକ୍ଷ ପାଳିତ

କେନ୍ଦୁଝର,୧୯/୧(ନି/ପ୍ର): ଜିନ୍ଦଲ ଷ୍ଟିଲ ପକ୍ଷରୁ ଚଳିତ ୧ ତାରିଖରୁ ଆରମ୍ଭ ହୋଇଥିବା ତମାଖୁମୁକ୍ତ ସଚେତନତା ପକ୍ଷ ଉଦଯାପିତ ହୋଇଯାଇଛି । ଜିନ୍ଦଲ ଷ୍ଟିଲର ଜାଖିଆ ଓ ରୋଇଡ଼ା ମାଇନ୍ସ ପାରିପାର୍ଶ୍ୱିକ ଅଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ଅବସରରେ ଜିନ୍ଦଲ ଷ୍ଟିଲ-ବିଜେଟିଆର କୁଷ୍ଠର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ସେରେଣ୍ଡା ଓ ଭଦ୍ରାସାହି ପଚାଂୟତ ଅଞ୍ଚଳରେ ନିୟମିତ ପରିଭ୍ରମଣ କରି ସଚେତନତା ବାର୍ତ୍ତା ବାଣ୍ଟୁ ଥିଲା । ସିଏସଆର, ଏବଂ ଆର ଓ ଆଡମିନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ପକ୍ଷରେ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ସଚେତନତା ପକ୍ଷର ଉଦଯାପନୀ ଦିବସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କୁଷ୍ଠର ହେଡ୍‌ଶ୍ରୀ ପାତ୍ର ଏଥିରେ ଯୋଗ ଦେଇ ତମାଖୁ ସେବନର ଭୟାବହତା ସମ୍ପର୍କରେ କହିଥିଲେ । ତମାଖୁ ଜୀବନ ନେବା ସହ ପରିବାର ଉଜାଡୁଛି, ତେଣୁ ଏହାକୁ ବର୍ଜନ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ତମାଖୁମୁକ୍ତହିଁ; ଜୀବନ ବାଛିବାକୁ ସେ ସମସ୍ତଙ୍କୁ କୁହାଇଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ଯୋଗଦେଇଥିଲେ ।

## ଅଭିଭାବକ ଅଭିଭାବିକା, ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟତ୍ରୀ ସମ୍ମିଳନୀ

ନୂଆପଡ଼ା,୧୯/୧(ନି/ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଲକ୍ଷ୍ମୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷର ଶେଷ ତଥା ଚତୁର୍ଥ ଅଭିଭାବକ ଅଭିଭାବିକା, ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟତ୍ରୀ ସମ୍ମିଳନୀ ବିଦ୍ୟାଳୟ କମିଟିର ସଭାପତି ପରମେଶ୍ୱର ବାରିକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମାପ୍ତି ସୂଚକ ଆଲକଳନ ଏକ ଓ ଦୁଇ, ପଢ଼ିବା ଗଢ଼ିବା ଓଡ଼ିଶା, ପଠନ, ବିଦ୍ୟାଳୟରେ ବୁଲା କୁହୁର ମୁକ୍ତ , ବାଲ୍ୟ ବିବାହ ମୁକ୍ତ, ଅଭିଭାବକ ଅଭିଭାବିକା ମାନଙ୍କ ମତାମତରେ ଆବଶ୍ୟ ଶିକ୍ଷା ବର୍ଷରେ ଛାତ୍ର ଛାତ୍ରୀ ମାନଙ୍କ ସଂଖ୍ୟା ବୃଦ୍ଧି କରିବା ବୈଠକ ରେ ଆଲୋଚନା ହୋଇଥିଲା । ବୈଠକରେ ପ୍ରଧାନ ଶିକ୍ଷୟତ୍ରୀ ଗୁଣ୍ଡୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ଶିକ୍ଷୟତ୍ରୀ ମୀରା ରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କମିଟିର ସଦସ୍ୟ ଲଜନଲାଲ ରାଉତ, ରଜନୀ ରାଣୀ ରାଉତ, ରୋଷେୟା ନିଲେନ୍ଦ୍ରୀ ମାଝୀ ଉପସ୍ଥିତ ଥିଲେ । ସେହିପରି ଖଡିଆଳ ବ୍ଲକ କାସିପଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବର୍ଷର ଶେଷ ତଥା ଚତୁର୍ଥ ଅଭିଭାବକ ଅଭିଭାବିକା ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟତ୍ରୀ ସମ୍ମିଳନୀ ପରିଚାଳନା କମିଟିର ଉପ ସଭାପତି ପ୍ରେମଲତା ବାରିକଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମାପ୍ତି ସୂଚକ ଆଲକଳନ ଏକ ଓ ଦୁଇ, ପଢ଼ିବା ଗଢ଼ିବା ଓଡ଼ିଶା, ପଠନ, ବିଦ୍ୟାଳୟରେ ବୁଲା କୁହୁର ମୁକ୍ତ , ବାଲ୍ୟ ବିବାହ ମୁକ୍ତ, ଅଭିଭାବକ ଅଭିଭାବିକା ମାନଙ୍କ ମତା ମତରେ ଆସନ୍ତା ଶିକ୍ଷା ବର୍ଷରେ ଛାତ୍ର ଛାତ୍ରୀ ମାନଙ୍କ ସଂଖ୍ୟା ବୃଦ୍ଧି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ପ୍ରଧାନ ଶିକ୍ଷକ ସୁମନ ଝିଂ ପଣ୍ଡା କାର୍ଯ୍ୟ କ୍ରମ ପରିଚାଳନା କରିଥିବା ବେଳେ ସହ ଶିକ୍ଷୟତ୍ରୀ ଗୀତାଞ୍ଜଳି ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ଦଶରାଜ ବାରିକ, ରୀନା ବାରିକ, ମୁକ୍ତାମଣୀ ରାଉତ, କିଶୋରୀ ପଣ୍ଡା, ଭାର୍ଗବୀ ବାରିକ, ଗୋପବାଲି ବାରିକ, ଭକ୍ତାବରୀ ଚଲାନ, ସୁମିତ୍ରା ଶୁନାନି, ମାଧବୀ ଚଲାନ, ହେମସାଗର ରାଉତ, ରୋଷେୟା ଚମାଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସେହି କେନ୍ଦ୍ର ବିଦ୍ୟାଳୟ ଚଲାନପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ପରିଚାଳନା କମିଟିର ସଭାପତି ଭିକାରି ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ମୀରା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହ ଶିକ୍ଷୟତ୍ରୀ ମାଧୁରୀ ଶବର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସବସ୍ୟ ରିଙ୍କି ଚଲାନ, ପ୍ରତିମା ବଣ୍ଟସେନା, ରଜନୀ ରାଉତ, ଦୂର୍ମିଳା ପଣ୍ଡା ଉପସ୍ଥିତ ଥିଲେ ।



ଆନନ୍ଦପୁର ବ୍ଲକ ପଟ୍ଟଂପଲ୍ଲୀସ୍ଥିତ ସରକାରୀ ଉଚ୍চ ବିଦ୍ୟାଳୟର ୪୮ତମ ବାର୍ଷିକୋତ୍ସବ

## ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ଶାସନ ସଚିବଙ୍କୁ ଭେଟିଲେ ଯାଦବ ସଭାପତି

କେନ୍ଦ୍ରାପଡ଼ା,୧୯/୧(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଯାଦବ ମହାସଭାର ସଭାପତି ପ୍ରଭାକର ପଲାଇ ନୂଆ ଦିଲ୍ଲୀ ଠାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବ୍ୟକ୍ତିଗତ ଶାସନ ସଚିବ ସୁରଥ କୁମାର ମହନ୍ତଙ୍କୁ ଭେଟି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ଜିଲ୍ଲା ଯାଦବ

## ଚାଲିଚାଲି ଆସୁଥିବା ବେଳେ ଧକ୍କା ବେଲା ବୋଲେରୋ
# ଆଖି ବୁଜିଲେ ୨ ଭାଇ

ଚମ୍ପୁଆ,୧୯/୧(ନି/ପ୍ର): କେନ୍ଦୁଝରଜିଲ୍ଲା ଚମ୍ପୁଆ ଥାନା ମଥୁରାପୁର ନିକଟରେ 

# ବିବିଧା

## ରାଶି ଫଳ

ମେଷ: ସ୍ୱାସ୍ଥ୍ୟରେ ମାଧ୍ୟମୁଡ଼ିଆ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ଯାତ୍ରା କରିପାରନ୍ତି । କର୍ମକ୍ଷେତ୍ରରେ ଅଗ୍ରଣୀ ରହିବେ । ଭାଇଭଉଣୀଙ୍କଠାରୁ ପୂର୍ଣ୍ଣ ସହଯୋଗ ପାଇବେ ।

ବୃଷ: ଦିନଟି ଦରଖୁସିରେ କଟିବ । ବରିଷ୍ଠ ବନ୍ଧୁଙ୍କଠାରୁ ସହଯୋଗ ପାଇବା ସମ୍ଭବ । ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଯିବ । ନୂତନ ନିବେଶ କରି ଲାଭବାନ ହେବେ ।

ମିଥୁନ: ପୁରୁଣା କାର୍ଯ୍ୟଗୁଡ଼ିକ କରିବାରେ ସମୟ କଟିବ । ଉଚ୍ଚମ ନିଷ୍ଠାର ଆର୍ଥିକ ଫଳ ଲାଭ ହେବ । ଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲାର୍ଥୀ ହେବେ ।

କର୍କଟ: ଆଜି ଦୌଳତି ଅଫାଡ଼ିକର ପରିସ୍ଥିତିରେ ପଡ଼ି ଯାଇପାରନ୍ତି । ନିଜ ସାହସ ଓ ବୁଦ୍ଧି ବଳରେ ସହଜରେ ସଫଳତା ପାଇ ପାରିବେ । ଅଧିକ ଖର୍ଚ୍ଚରେ ପଡ଼ିଯାଇପାରନ୍ତି ।

ସିଂହ: ଆତ୍ମବିଶ୍ୱାସ ଓ ସାହସିକତାର ସହ କାର୍ଯ୍ୟ କରିବେ । ସାମାଜିକ କାର୍ଯ୍ୟରେ ଲାଗିଯିବେ । ସମସ୍ୟାର ସମାଧାନ ରାସ୍ତା ପାଇବେ । ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଯିବ ।

କନ୍ୟା:ଅଧିକ ପରିଶ୍ରମ କରି ଅସୁସ୍ଥ ମନେ କରିପାରନ୍ତି । ସାଙ୍ଗସାଥୀଙ୍କ ସହ ସମ୍ପର୍କ ସୁଦୃଢ଼ ରହିବ । ଆର୍ଥିକ ସମସ୍ୟା ନେଇ ଚିନ୍ତିତ ରହିବେ । ଜୀବନସାଥୀଙ୍କ ସହଯୋଗ ପାଇବେ ।

ତୁଳା: ଦୀର୍ଘଦିନ ଧରି ଲାଗି ରହିଥିବା ସମସ୍ୟା ଅପସରି ଯିବ । ନିଜ ପ୍ରତିଭାରେ ଅନ୍ୟମାନଙ୍କୁ ଆକର୍ଷିତ କରିବେ । ଜମି ସମ୍ପର୍କୀୟ ସମସ୍ୟାର ସମାଧାନ ହୋଇଯିବ । ଜୀବନସାଥୀ ଓ ପରିବାରଙ୍କ ସେବା ପାଇବେ ।

ବିଛା: ଗୁରୁଜନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ । ପରିବାରରେ ଲାଗି ରହିଥିବା ଅଶାନ୍ତି ଦୂର ହେବ । କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶାତୀତ ଅର୍ଥଲାଭ ହେବ ।

ଧନୁ: କାର୍ଯ୍ୟକରିବା ସମୟରେ ମନକୁ ଶାନ୍ତ ରଖନ୍ତୁ । ବିବାହଯୋଗ୍ୟ ଯୁବକ ଯୁବତୀଙ୍କ ବିବାହ ସ୍ଥିର ହୋଇପାରେ । ସାଙ୍ଗସାଥୀଙ୍କ ସହଯୋଗରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ ।

ମକର: ପରିବାର ମଧ୍ୟରେ ଉତ୍ତମ ବୁଝାପଡ଼ା ରହିବ । ମହିଳାମାନେ ଲାଭବାନ ହେବେ ସମ୍ପତ୍ତି ଭୂମିରେ ନିର୍ବାଚନ ଜିତିବେ । ଛାତ୍ରଛାତ୍ରୀ ଲେଖାପଢ଼ାରେ ଆଗୁଆ ଧ୍ୟାନ ଦିଅନ୍ତୁ ।

କୁମ୍ଭ: ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ଜୋଶିଷି ଖର୍ଚ୍ଚ କୁଣ୍ଠି ଲାଭାନ୍ୱିତ ହୋଇପାରନ୍ତି । ମୂଳଧନୀ ଜାମାଗ୍ରୀ କ୍ରୟ ଅବା ବିକ୍ରୟ ସମାଧାନ ହେବାକି । ଜୋର୍ଡ଼ର ଦେଖେ ମାଧ୍ୟମରେ ମଡ଼ିଯାଇପାରନ୍ତି ।

ମୀନ: ଜୋଶିଷି ଜାମାକୁ ଶୁଭାଶୁଭ ଆଲମ୍ବ ଜଣିବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରିବାରରେ ଅଶାନ୍ତି ଦେଖା ଦେଇପାରେ । ଚାକିରୀ କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ପ୍ରଶଂସା ମିଳିବ ।

## ଆଜିର ଇତିହାସ

- ୧୭୪୯- ଚାର୍ଲସ୍ ପ୍ରଥମଙ୍କ ବିରୋଧରେ ମୋକଦମା ଆରମ୍ଭ ହେଲା ।
- ୧୯୯୭- ଓ୍ୱିଡେନ ତାର ସେନାକୁ ତାନ୍‌ଜୁ ପଠାଇବା ପାଇଁ ନିଷ୍ପତ୍ତି ନେଲା ।
- ୨୯୫୬- ଭୁଷିଣ୍ଡ ପରମାଣୁ ପରୀକ୍ଷା କରିଥିଲା ।
- ୧୯୭୭- ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ।
- ୨୯୭୭- ଚିଲିର ସବୁଠାରୁ ବଡ଼ ଛିଡ଼ିଆ ଆହାଡାରର କୁଇ ମୋକାରେ ହୋଇଥିଲା ।

# 'ଧୁରନ୍ଧର ୨'କୁ ଫେରିବେ ଅକ୍ଷୟ

ଆଦିତ୍ୟ ଧରଙ୍କ ମିଛ 'ଧୁରନ୍ଧର' ଏବେ ବି ବକ୍ସ ଅଫିସ୍‌ରେ ନା'ର ଦବଦବା ଜାରି ରଖିଛି । ଏଥିରେ ରଣବୀର କପିଙ୍କ ପାରୁଅଷ୍ଟର ଆସାଞ୍ଜା ଅଭିନୟକୁ ଦେଖି ଅଭିଭୂତ ହୋଇଛି । ଖେଳାଳୀ ଭାବାଘେ ଭୂମିକାରେ ଅକ୍ଷୟ ପରବାରେ ଛାଇ ପକାଇଛେ । ବିଶେଷକରି ଏହି ଫିଲ୍ମରେ ଅକ୍ଷୟଙ୍କ FAULA ଗାଡରେ ଅତିର ଚିତ୍ର ହୋଇଛି । 'ଧୁରନ୍ଧର'ରେ ଅକ୍ଷୟଙ୍କ ଚରିତ୍ରର ଅଳ୍ପ ଘୋଇଲିଦାରୁ ସିନେମାରେ ତାଙ୍କୁ ଦାଦ୍ ବିଦାଯାଇପାରେ ବୋଲି କାର୍ଯ୍ୟବିନିମ୍ବ ଚର୍ଚ୍ଚା ହେଉଥିଲା । 'ଧୁରନ୍ଧର ୨'ରେ ପୁଣିଥରେ ଅକ୍ଷୟଙ୍କୁ ଦେଖିବାକୁ ମିଳିବ ବୋଲି ଏବେ କଣାପଡ଼ିଛି । ଏହାର ପ୍ରଥମ ପାର୍ଟରେ ରଣବୀର ମଜୁମଦାରଙ୍କୁ ଅନେକଙ୍କ ହମ୍‌ଜା ଅଲି ମଜାଲି ଭୂମିକାରେ ସିନେଭୁଙ୍କରେ ଚରକ ଆଣିଛେ ଦେଖାପାଇଥିଲା । ତେବେ ସିନେମାରେ ଦେବଦତ୍ତ ରଣବୀରଙ୍କ କାକାଶୀ ଭୂମିକା ଦେଖାଯାଇ ପୂର୍ବ କାହାଣୀ ଦେଖାଯିବ ବୋଲି କୁଣାପଡ଼ିଛି । 'ଧୁରନ୍ଧର ୨'ରୁ ଅକ୍ଷୟ ଫେରିବା ବଥା ଜାଣି ଦର୍ଶକଙ୍କ ମଧ୍ୟ କେଣ୍ଟ ଭାସାଇ ଦେଇଛି । ଏଥିରେ ଅକ୍ଷୟ ଓ ରଣବୀରଙ୍କ ସହ ଅର୍ଜୁନ୍ ରାମପାଲ, ଆର୍ ମାଧବନ୍, ଅକ୍ଷୟ ଖନ୍ନା ଓ ସାରା ଅର୍ଜୁନ୍ ପ୍ରମୁଖ ଦେଖାଯିବେ । ଏହା ୧୯ ମାର୍ଚ୍ଚରେ ପରଦାକୁ ଆସିବ ।

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବ ସୁନାମି ୱାଲ୍

ମଣିଷରେ ଜାପାନ -ଏକ ରାଷ୍ଟ୍ରର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିଲା । ଏହି ସମୟରେ ଭୂମିକମ୍ପ ପରେ ସୁନାମି ଆସିଥିଲା । ମାର୍ଚ୍ଚ ୧୯ରେ ଜାପାନ ଭୂମିକମ୍ପରେ ଆସିଥିବା ସୁନାମିରେ ପ୍ରାୟ ୨୮,୦୦୦ ବ୍ୟକ୍ତି ଅଧିକ ମୃତ୍ୟୁ ହୋଇଥିଲା । ବିଶ୍ୱର ୪୫ ବର୍ଷ ମଧ୍ୟରେ ଜାପାନ ଏପରି ବିପର୍ଯ୍ୟୟର ସାମ୍ନା କରିବା ପାଇଁ ଚେଷ୍ଟା କରୁଛି । ଆଜି ଏହି ଦେଶ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏମିତି ଏକ ବ୍ୟବସ୍ଥା ବାହାର କରିଛି । ଯାହାକୁ ଦେଖି ସାରା ବିଶ୍ୱରେ ଚର୍ଚ୍ଚା ହେଉଛି । ଜାପାନ ଏଥିପାଇଁ ୩୯ ଖି କିଲୋମିଟର ଏକ ସମୁଦ୍ରର କାନ୍ଥ ନିର୍ମାଣ କରିଛି । ଏହାର ନାଁ 'ସୁନାମି ୱାଲ୍' ରଖାଯାଇଛି । ଏହି କାନ୍ଥଟିର ଉଚ୍ଚତା ୧୦ଖି ୧୫ ମିଟର ଉଚ୍ଚା । ସୁନାମି ସମୟରେ ବଡ଼ ବଡ଼ ଢେଉଗୁଡ଼ିକ କାନ୍ଥରେ ଲାଗିକରେ ଦେବା ସୁଦ୍ଧା ଏହାର ଶକ୍ତି ହ୍ରାସ ପାଇବା ଦ୍ୱାରା ଉଚ୍ଚତା ଅଳ୍ପ ହୋଇଯିବ । ଏହି ଢେଉଗୁଡ଼ିକ ଜମିରେ ପହଞ୍ଚିବା ପରେ ଏହି ସୁରକ୍ଷା ଢେଉଗୁଡ଼ିକୁ ନଦେ ଲକ୍ଷ ଲକ୍ଷ ପ୍ରତି ମଣିଷର ଜିନ୍ଦୁ ବିଲକ୍ଷଣ ଅବହେଳା କରିଥାବିଛି । ମଣିଷର ଜିନ୍ଦ ସ୍ୱାର୍ଥ ପାଇଁ ଜଙ୍ଗଲ କାଟି ସଫା କରି ଦେଇଛି । ଏହି କାରଣରୁ ମଣିଷ ଅନେକ ସମୟରେ ଦୟନ୍ତ, ବାତ୍ୟା, ମରୁଡ଼ି, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ତେବେ ପ୍ରକୃତି ଓ ପ୍ରାକୃତିକ ସମ୍ପଦ ନଷ୍ଟ ଯୋଗୁଁ ୨୦୧୧ ମସିହାରେ ଜାପାନ -ଏକ ରାଷ୍ଟ୍ରର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିଲା । ଏହି ସମୟରେ ଭୂମିକମ୍ପ ପରେ ସୁନାମି ଆସିଥିଲା । ମାର୍ଚ୍ଚ ୧୧ରେ ଜାପାନ ଭୂମିକମ୍ପରେ ଆସିଥିବା ସୁନାମିରେ ପ୍ରାୟ ୨୮,୦୦୦ ବ୍ୟକ୍ତି ଅଧିକ ମୃତ୍ୟୁ ହୋଇଥିଲା । ବିଶ୍ୱର ୪୫ ବର୍ଷ ମଧ୍ୟରେ ଜାପାନ ଏପରି ବିପର୍ଯ୍ୟୟର ସାମ୍ନା କରିବା ପାଇଁ ଚେଷ୍ଟା କରୁଛି । ଆଜି ଏହି ଦେଶ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏମିତି ଏକ ବ୍ୟବସ୍ଥା ବାହାର କରିଛି । ଯାହାକୁ ଦେଖି ସାରା ବିଶ୍ୱରେ ଚର୍ଚ୍ଚା ହେଉଛି । ଜାପାନ ଏଥିପାଇଁ ୩୯ ଖି କିଲୋମିଟର ଏକ ସମୁଦ୍ରର କାନ୍ଥ ନିର୍ମାଣ କରିଛି । ଏହାର ନାଁ 'ସୁନାମି ୱାଲ୍' ରଖାଯାଇଛି । ଏହି କାନ୍ଥଟିର ଉଚ୍ଚତା ୧୦ଖି ୧୫ ମିଟର ଉଚ୍ଚା । ସୁନାମି ସମୟରେ ବଡ଼ ବଡ଼ ଢେଉଗୁଡ଼ିକ କାନ୍ଥରେ ଲାଗିକରେ ଦେବା ସୁଦ୍ଧା ଏହାର ଶକ୍ତି ହ୍ରାସ ପାଇବା ଦ୍ୱାରା ଉଚ୍ଚତା ଅଳ୍ପ ହୋଇଯିବ । ଏହାକୁ ଗ୍ରାଉଣ୍ଡ ଲେଭେଲିଂ ସିଷ୍ଟମ୍ କୁହାଯାଇଛି । ଏହା ଜାପାନର ଓସାକା ଏବଂ ଟୋକିଓ ସହରରେ ରହିଛି । ଜାପାନ ଏପରି ପ୍ରୟାସ ଏବେ ଚର୍ଚ୍ଚା ସାରିଛି ।



# ବିଶ୍ୱାସରେ ଚାଲିଛି ଦୋକାନ

ଆଜିକାଲି ଅନେକ ସମୟରେ ଠିକ ବିଶ୍ୱାସରେ ଦୋକାନକୁ ଚାଲୁ ହେବା କଥା ସାଧାରଣ ହୋଇଛି । ଏହି କ୍ରମରେ କେରଳର ପୋଲାମୁଡ଼ ପ୍ରିଜାଡ଼ିଠାରେ ଦ୍ୱାରପାଳ୍ ଲୋଡ଼ିରେ ଅଟକିକମ ଟ୍ରିଭ୍ ମିଳଟରେ ଟିକା ଏକ ଛୋଟ ଦୋକାନ ଦିଖିଥିରେ ଜାଣି ଯୋଉଥିବି ଦି ଆଶ୍ଚର୍ଯ୍ୟ ହେବେ । ଆଧିକରଣ ନିଦାସୀ ମୁଣ୍ଡକୁଣ୍ଡିର ପ୍ରଜୋମାନ ଏହି ଦୋକାନର ଆରମ୍ଭ କରିଥିଲେ । ଦିନେ ଅଗରେ ଉଚି ଅଜେକ ଦିନ ଜାମ କରିବା ପରେ ଗୋଟି ଆସିଥିଲେ ଏହି ଦୋକାନଟିର ଆରମ୍ଭ କରିଥିଲେ । ଆଖାପାଖରେ ରହୁଥିବା ଲୋକ ଓ ଛାତ୍ରୀଙ୍କ ଭାଲେଜାକ ହେ ଏହି ଦୋକାନଟିକୁ ଖୋଲିଥିଲେ । ବିଶ୍ୱସ୍ତ, ମିଳିଜୋଡ଼ାଲୁ ଆମ୍ବାଣ ଭଳି ଶବ୍ଦଗୁଡ଼ାଲି ଆଲାଦା ଏଥିରେ ଲିଖା ଯାଇଛି । ପ୍ରାୟ ଦୋକାନ ମିଳିଥାଏ । ପ୍ରାୟ ଦୋକାନ ଟିକିଶ ଘରରେ ଏହାର ଦାମ୍ ଲେଖା ଦେଇଥାଏ । ଦୋକାନ ଭିତରେ ନା କ୍ୟାସ୍ ଗାଣ୍ଡର ଅଛି ନା ଏଠାରେ ଦେହି ଦ୍ୟାସିଅର୍ ବସିଛନ୍ତି । ଟଙ୍କା ଦରିଦ୍ରା ପାଇଁ ଦୋକାନରେ ଗୋଟ୍ ଏବାକ୍ସ ଅଛି । ସେଇଥିରେ ଲୋକେ ଟଙ୍କା ରଖି ଦିଅନ୍ତି । ଓ ଜିନ୍ଦ ଟଙ୍କା ଦେଇନେଇ ପାଇଁ ଲୁଣ୍ଡାଇ ଲୋକ ଲାଗିଛି । ମନି ଜାରା ମାଧ୍ୟମରେ ଟଙ୍କା ନାଡ଼ି ସେ ବାଟିରେ ମଧ୍ୟ ନେଇ ପାରିବେ । ଦୋକାନରେ ସିସିଟିଭି କି କରିବା ପାଇଁ ସିକ୍ୟୁରିଟି ଗାର୍ଡ ନ ଥିଲେ ବି ଏଯାବତ୍ ତାଙ୍କ ଦୋକାନକୁ ଚୋରି ହୋଇ ନାହିଁ । ସ୍ୱଳ୍ପମୋଟ ସବାକୁ ଆସି ଖାଲି ହୋଇଥିବା ଜିନିଷ ଭରି କରି ଦେଇ ଯାଆନ୍ତି । ଗାଡ଼ିରେ ଅସୁବିଧା ଦେଖିବାକୁ ଆସାଯାଆନ୍ତି । ମସିମିଟ ୫୦୦ରୁ ୨୦୦୦ ଟଙ୍କା ମଧ୍ୟରେ ଜିନ୍ଦିଷ ଛାଡ଼ାଯାଏ । ନମେଳ ଏହି ଦୋକାନଟି ଏହି ଭାବ ପ୍ରଚାର କରୁଛି ଯେ, ଆଜିକି ଦୁନିଆରେ ବିଶ୍ୱାସ ନାହିଁ ।

# ମାଘ ସପ୍ତମୀ

ସନାତନ ଧର୍ମୀୟ ଆଚରଣରେ ବୁଢ଼ର ଖୁବ୍ ମହତ୍ତ୍ୱ ରହିଛି । ଏଥିପାଇଁ ଗ୍ରହ ଓ ନକ୍ଷତ୍ରର ସ୍ଥିତି ବିଚାରରେ ତଥା ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ଶ୍ରଦ୍ଧାଳୁମାନେ ସ୍ନାନ କରିଥାନ୍ତି । ବୁଢ଼ର ମାହାତ୍ମ୍ୟ ସମ୍ପର୍କରେ ପୁରାଣ ଶାସ୍ତ୍ରରେ ଅନେକ କଥା ବର୍ଣ୍ଣନା ରହିଛି । ତାହିଁ କେଉଁ ଜାଳୁ ଏହି ପରମ୍ପରା ଚାଲି ଆସିଛି । ପବିତ୍ର ମାଘ ମାସରେ ପ୍ରୟାଗରାଜରେ ପ୍ରତିବର୍ଷ ହୋଇଥାଏ ମାଘ ମେଳା । ଆମ ରାଜ୍ୟରେ ମାଘ ସପ୍ତମୀରେ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଢ଼ ପକାଇଥାନ୍ତି ।

ଏହିଦିନ ଚନ୍ଦ୍ରଭାଗା ଗୋଲାଘାଟ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା । ପ୍ରତିବର୍ଷ ଏହି ତିଥିରେ ହଜାର ହଜାର ଶ୍ରଦ୍ଧାଳୁ ମାଘ ମାସର ସାଦ୍‌ଭଳା ଶୀତରେ ଗାଧିବା ନ କରି ବୁଢ଼ ପକାନ୍ତି । ମାଘ ସପ୍ତମୀରେ ସୂର୍ଯ୍ୟ ଦେବ ଜନ୍ମଗ୍ରହଣ କରିଥିଲେ । ଏହି ଦିନର ବିଶେଷତ୍ୱ ହେଉଛି ସ୍ନାନ ଓ ସୂର୍ଯ୍ୟ ଦର୍ଶନ । ସ୍ନାନ ପରେ ଶ୍ରଦ୍ଧାଳୁ ସୂର୍ଯ୍ୟଙ୍କୁ ଦର୍ଶନ କରନ୍ତି । ଦାନ ଧର୍ମ କରି ପୁଣ୍ୟ ଅର୍ଜନ କରିଥାନ୍ତି । ଝାଡ଼ଖଣ୍ଡ, ଏହିଦିନ ବୁଢ଼ ପ୍ରଚାରରେ ବିଭିନ୍ନ ରୋଗରୁ ଉପଶମ ଏବଂ ମାନସିକ ଶାନ୍ତି ମିଳିଥାଏ ।

ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲକ୍ଷ ଲକ୍ଷ ଲୋକ ସମାଗମ ହୋଇଥାଏ । ସ୍ଥାନୀୟ ଅଞ୍ଚଳର ଆଲାଧ ପାଲୁକ ଡ଼ିଜିକୋଣ୍ଡ, ଏଣ୍ଡାକେଶ୍ୱର ର ପଲିଟେଶ୍ୱରରେ ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ବୁଢ଼ ପକାନ୍ତି । ଏହା ଚନ୍ଦ୍ରଭାଗା ଯାତ୍ରା ବା ଚନ୍ଦ୍ରଭାଗା ମେଳା ନାମରେ ପ୍ରସିଦ୍ଧ । ଲୁହାସାଏ, ଏହିମେଳା ଗଣ୍ଡରେ ପୂର୍ବରୁ ଲୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରତିଷ୍ଠିତ ସୂର୍ଯ୍ୟ ଏବଂ ଚନ୍ଦ୍ର ଏକ ବିମାନରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ । ଏହି ପ୍ରତିମାଙ୍କ ସହ କୋଣାର୍କର ଅଷ୍ଟଶକ୍ତି ଓ ଅଷ୍ଟଚଣ୍ଡୀ ମଧ୍ୟ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରନ୍ତି । ସୂର୍ଯ୍ୟଦେବଙ୍କର ଏହି ଚନ୍ଦ୍ରଯାତ୍ରା ଅତ୍ୟନ୍ତ ଚିରନ୍ତ । ବୁଢ଼ୁ ମୁଲାଣରେ ଏହା 'ବଲିଆ କୁଣ୍ଡିଆ' ନାମରେ ଖ୍ୟାତି ଲାଭ କରିଛି । ସେହିପରି ଆଦିବାସୀ ଅଞ୍ଚଳର ଭକ୍ତମାନେ ସପ୍ତମୀ ବୁଢ଼ ଦେଇ ଶ୍ରଦ୍ଧାଳୁମାନଙ୍କ ମାଧ୍ୟମରେ ଅଧିକାଂଶ ହୋଇଥାନ୍ତି ।

ପରମ୍ପରା ଅନୁସାରେ, ଚନ୍ଦ୍ରଭାଗା ମେଳା ପଡ଼ିଆରେ ଷଷ୍ଠୀ ତିଥିରୁ ମହାଜନମାନେ ମୋଳା ମଡ଼ିଆରେ ଲିଖିଲା ମଜାଲ ଥାନ୍ତି । ଲାଖିଲେ ମାଟିହାଣ୍ଡିରେ ଶୁଖୁଆ ଜାଳଳା, ଲାଉ ଲାଖି ଏହାର କିଛି ଅଂଶକୁ ଅର୍ପାପୁରେ ଉତ୍ସର୍ଗେଇ ସମର୍ପଣ କରିଥାନ୍ତି । ଦ୍ୱାଦଶୀ ଅଂଶକୁ ମିଶ୍ରଣ ଯୋଜନା କରନ୍ତି । ଏହାପରେ ମାଟିହାଣ୍ଡିକୁ ଦାଣ୍ଡିଗଛା ପଡ଼ିଆରେ ଲାଖି ଦାର୍ଥ ପ୍ରସ୍ତୁତିଶୀଘ୍ରର ଭୋର ସମୟରେ ବୁଢ଼ ପକାଇ ସୂର୍ଯ୍ୟଦେବଙ୍କୁ ପୂଜା କରନ୍ତି । ଅନ୍ୟପକ୍ଷରେ ଏକାମ୍ରକ୍ଷେତ୍ରରେ ଏହି ଅବସରରେ ପ୍ରସିଦ୍ଧ ଶଙ୍କରିଣି ଭୁବନେଶ୍ୱର ଠାରୁ ଆରମ୍ଭ ହୋଇଥାଏ । ସାଧୁସନ୍ଥମାନଙ୍କ ଉପସ୍ଥିତି ଏବଂ ଶ୍ରଦ୍ଧାଳୁଙ୍କ ଆଗମନରେ ଓଷ୍ଟରିରି ଚନ୍ଦ୍ରଭାଗ ହୋଇ ଉଠେ ।

# ସ୍ୱସ୍ତି

# ବସନ୍ତ ପଞ୍ଚମୀ

ମାଘ ଶୁକ୍ଳ ପଞ୍ଚମୀକୁ 'ଶ୍ରୀ ପଞ୍ଚମୀ' ବା 'ବସନ୍ତ ପଞ୍ଚମୀ' ଭାବେ ପାଳନ କରାଯାଏ । ଏହା ହେଉଛି ବିଦ୍ୟା ଓ ସଙ୍ଗୀତର ଦେବୀ ମା' ସରସ୍ୱତୀଙ୍କର ଆରାଧନାର ଦିନ । ଏହିଦିନ ଦେବୀ ସରସ୍ୱତୀ ଆବିର୍ଭୂତ ହୋଇଥିବା ବିଶ୍ୱାସ ରହିଛି । ଏହି ଅବସରରେ ସରସ୍ୱତୀ ମା'ଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହ ପୂଜା କରେ ବୁଦ୍ଧି ଓ ସଫଳତା ମିଳେ । ବିଦ୍ୟା ପ୍ରାପ୍ତ ତଥା ବିଦ୍ୟା ମିମିତ୍ତ ବିଦ୍ୟାର୍ଥୀମାନେ ମା' ସରସ୍ୱତୀଙ୍କର ବିଶେଷ ପୂଜା ଓ ଆରାଧନା କରିଥାନ୍ତି । ସୂର୍ଯ୍ୟୋଦୟ ପୂର୍ବରୁ ବିଦ୍ୟାର୍ଥୀମାନେ ସ୍ନାନ ସାରି ଶୁଦ୍ଧା ବସ୍ତ୍ର ପରିଧାନ କରନ୍ତି । ନିଜ ନିଜ ଶିକ୍ଷାନୁସାରରେ ଲେଖି ପୁସ୍ତକାଦି ରେଖନ୍ତି । ସଙ୍ଗୀତଶିଳ୍ପୀମାନେ ମଧ୍ୟ ବେଶ ବାଦ୍ୟଯନ୍ତ୍ରିଙ୍କ ପୂଜାର୍ଚ୍ଚନା କରିଥାନ୍ତି । ଜ୍ୟୋତିଷ ସରସ୍ୱତୀ ଯନ୍ତ୍ର ବି ପୂଜା କରିଥାନ୍ତି । ସରସ୍ୱତୀ ସ୍ତୋତ୍ର ପାଠ କରି ବିଦ୍ୟାର୍ଥୀମାନେ ପରୀକ୍ଷାରେ ସଫଳତା କାମନା କରିଥାନ୍ତି । ଏହାଛଡ଼ା ଏହି ଅବସରରେ ଛୋଟ ଛୋଟ ପିଲାମାନେ ମା'ସରସ୍ୱତୀଙ୍କ ଆଗରେ 'ଅକ୍ଷରାଭ୍ୟାସ' କରି ବିଦ୍ୟାରମ୍ଭ କରିଥାନ୍ତି । ଜାଇଆରୀ ୨୩ ତାରିଖରେ ବସନ୍ତ ପଞ୍ଚମୀ ପାଳନ କରାଯିବ ।

# ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବେ ନାହିଁ

**ବାସ୍ତୁ ଶାସ୍ତ୍ର ଅନୁସାରେ, ମାତା ଲକ୍ଷ୍ମୀ ପରିଷ୍କାର ପରିବେଶ ତଥା ଘରେ ବାସ କରନ୍ତି । ତେଣୁ ଘରକୁ ସଫାସୁତୁରା ରଖିବା ଉପରେ ବିଶେଷ ଧ୍ୟାନ ଦିଆଯାଏ । ସେହିପରି ଅଳିଆ ଆବର୍ଜନା ଘରର ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ । ବିଶେଷକରି ଏହାର ସିଧା ପ୍ରଭାବ ଘରର ପରିବେଶ, ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ଏବଂ ଆର୍ଥିକ ସମୃଦ୍ଧି ଉପରେ ପଡ଼ିଥାଏ । ତେବେ ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା ।**

- ଦକ୍ଷାରାମୂଳ ଶକ୍ତିର ମୁଖ୍ୟ ଉତ୍ସ ହୋଇଛି ଘରର ମୁଖ୍ୟ ଦ୍ୱାର । ଯଦି ଏହି ସ୍ଥାନ ଅଳିଆ ଆବର୍ଜନାରେ ଭର୍ତ୍ତି ରହିବ ଏବଂ ଜୋର ବାସ୍ତୁ ଦୋଷ ଏଣେତେଣେ ପଡ଼ି ରହିଲେ, ନକାରାତ୍ମକ ଶକ୍ତିର ପ୍ରବେଶ ବଢ଼େ ।
- ରୋଷେଇ ଘରକୁ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିର କେନ୍ଦ୍ର ବୋଲି କୁହାଯାଏ । ଏହି ସ୍ଥାନ ଅଳିଆ ହେଲେ ଅଗ୍ନି ତତ୍ତ୍ୱ ଦୂର୍ବଳ ହୋଇଥାଏ । ଏହା ଦ୍ୱାରା ଆର୍ଥିକ ସଂଘର୍ଷ ଉତ୍ପନ୍ନ ହୋଇପାରେ ।
- ଘରର ପୂଜା ସ୍ଥାନ ଆଧ୍ୟାତ୍ମିକ ଶକ୍ତିର କେନ୍ଦ୍ର । ତେଣୁ ଏହି ସ୍ଥାନ ଅପରିଷ୍କାର ରଖିବାକୁ ଅଶୁଭ ବୋଲି କୁହାଯାଏ । ମନରେ ଅଶାନ୍ତି ସୃଷ୍ଟି ହୁଏ ।
- ବାସ୍ତୁ ଅନୁସାରେ, ଜାଇଲୁମ୍ ଅପରିଷ୍କାର ରଖିଲେ ସ୍ୱାସ୍ଥ୍ୟ ସମସ୍ୟା ଏବଂ ମାନସିକ ଚିନ୍ତା ଜନ୍ମେ । ତେଣୁ ଏହାକୁ ପ୍ରତିଦିନ ସଫା କରିବା ଉଚିତ ।
- ଏହେତୁରି ଯାଏଁ ଜାଇଲ-ପୂର୍ବ ଦିଗକୁ ଅପରିଷ୍କାର ରଖିବା ବାସ୍ତୁ ସମ୍ମତ ନୁହେଁ ।
- ଅଦ୍ୟପରେ ଶୋଇବା ଘରକୁ ସଫା ରଖିବା ଖୁବ୍ ଜରୁରି । ଏହି ସ୍ଥାନ ଅବ୍ୟବସ୍ଥିତ ତଥା ଆବର୍ଜନାରେ ଭର୍ତ୍ତି ହେଲେ ସକାରାତ୍ମକ ଶକ୍ତି ପ୍ରବାହିତ ହୁଏ ।

# ନବରତ୍ନର ମହତ୍ତ୍ୱ

**ନଅଟି ବିଶେଷ ରତ୍ନର ସମୂହ ହେଉଛି ନବରତ୍ନ । ମାଣିକ, ମୋତି, ମୁଙ୍ଗା, ପନ୍ନା, ପୋଖରାଜ, ହୀରା, ନୀଳମ୍, ଗୋମେଦ, ଲହସୁନିଆ ରତ୍ନ ଯେତେବେଳେ ଏକ ସଙ୍ଗରେ ମିଶେ, ଏହା ଏକ ଶକ୍ତିଶାଳୀ ସୁରକ୍ଷା କବଚ ଭଳି କାମ କରିଥାଏ । ଏହି ରତ୍ନ ମନକୁ ଶାନ୍ତ ଓ ଚିନ୍ତାକୁ କମ

ଉତ୍କଳ ସମାଚାର

# ସମ୍ପାଦକୀୟ...

**ମଙ୍ଗଳବାର ୨୦ ଜାନୁଆରୀ ୨୦୨୬**

## ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ କାହିଁକି ?

ଏବେ ଅଷ୍ଟାର ପ୍ରକୋପ ବଢ଼ିଛି । ଚାରିଆଡ଼େ ଜୁଡ଼ୁଡ଼ିର ପ୍ରାଦୁର୍ଭାବ ଏଣେ ବାୟୁ ପ୍ରଦୂଷଣକୁ ନେଇ ସବୁଠି ଏକ ପ୍ରକାର ଆତଙ୍କ ଜନିତ ପରିବେଶ । ଛିଙ୍କିବା ଆମ ଶରୀରର ଏକ ପ୍ରାକୃତିକ ପଦ୍ଧତି, ଯାହାଦ୍ୱାରା ନାକ ନିଜକୁ ସଫା କରିଥାଏ । ଯେବେ ଆମ ନାକ ବା ଶ୍ୱସନ ତନ୍ତ୍ରରେ ଧୂଳି, ପରାଗ, ଧୂଆଁ ଅଥବା ଅନ୍ୟ କୌଣସି ବାହ୍ୟ ଅବାଞ୍ଛିତ କଣିକା ପ୍ରବେଶ କରେ, ଏହାକୁ ବାହାର କରିବା ଲାଗି ନାକର କୋମଳ ଆସ୍ତରଣ ସକ୍ରିୟ ହୋଇଯାଏ । ଏକ ସଙ୍କେତ ରୂପରେ ଏହି ବାର୍ତ୍ତା ଆମର ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ । ମସ୍ତିଷ୍କକୁ ଏହି ସଙ୍କେତ ମିଳିବା କ୍ଷଣି ମସ୍ତିଷ୍କ ଶରୀରକୁ ଛିଙ୍କିବା ପାଇଁ ନିର୍ଦ୍ଦେଶ ଦିଏ । ଛିଙ୍କ ହୁଏ । ଆଉ ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ, ଜିଭ ଉପରକୁ ଉଠିଯାଏ ଓ ଶରୀରର ମାଂସପେଶୀ ସଙ୍କୋଚିତ ହୋଇଯାଏ । ଏହି ପୁରା ପ୍ରକ୍ରିୟା କେଇ ସେକେଣ୍ଡ ଭିତରେ ସମ୍ପୂର୍ଣ୍ଣ ହୋଇଯାଏ । ଆମ ନାକରେ ଏକ ପତଳା ଆର୍ଦ୍ରଆସ୍ତରଣ ଥାଏ, ଯାହାକୁ ମ୍ୟୁକସ୍ ଝିଲି କୁହାଯାଏ । ଏହି ଆସ୍ତରଣରେ ଅନେକ ଛୋଟ ଛୋଟ କୋଷ ଥାଏ, ଯାହା କି ସହଜରେ ଯେ କୌଣସି ପରିବର୍ତ୍ତନକୁ ଅନୁଭବ କରିନିଏ । ଯେତେବେଳେ କୌଣସି ଧୂଳି ଅବା ପରାଗ କଣିକା ଏହି ଆସ୍ତରଣକୁ ଛୁଏଁ କୋଷ ଗୁଡ଼ିକ ସକ୍ରିୟ ହୋଇଯାଏ ଓ ମସ୍ତିଷ୍କକୁ ସଙ୍କେତ ପଠାଏ । ଆଉ ମସ୍ତିଷ୍କ ଶରୀରକୁ ଆବେଶ ଦିଏ କି ସେ ଛିଙ୍କୁ ଓ ହଇରାଣ କରୁଥିବା ବସ୍ତୁ ବାହାରକୁ ବାହାରିଯାଉ । କେବେ କେବେ ଧୂଳି ଅବା ପାଉଡ଼ର କଣି କଣିକା ନାକକୁ ଚାଳିଯାଏ ଓ ନାକରେ ଜ୍ୱଳନ ହୁଏ, ଯାହାକି ଛିଙ୍କର କାରଣ ସାଜେ । ଏହାବାଦ ଆଲର୍ଜି ଓ ତୀବ୍ର ଆଲୋକ ମଧ୍ୟ ଛିଙ୍କିବାର କାରଣ ହୋଇପାରେ । ଏହି କଣିକା ଓ ଆଲର୍ଜି ନାକର ନର୍ଭଗୁଡ଼ିକୁ ସକ୍ରିୟ କରିଥାଏ । ଫଳରେ ଶରୀର ତାକୁ ବାହାର କରିବା ପାଇଁ ଛିଙ୍କ ହୁଏ । ଛିଙ୍କିବା ସମୟରେ ଆଖି ବନ୍ଦ ହେବା ପଛର କାରଣ ଛିଙ୍କ ମାଧ୍ୟମରେ ଆମ ନାକ ହାନିକାରକ କଣିକାଗୁଡ଼ିକୁ ବାହାରକୁ ବାହାର କରିଦେଇ ଶରୀରକୁ ଙ୍କୁଡ଼ମଣରୁ ରକ୍ଷା କରେ । ପାଟିକୁ ଲକ୍ଷ ଲକ୍ଷ ମାଇକ୍ରୋନ୍ସ, ବ୍ୟାକ୍ଟେରିଆ ଓ କ୍ଷୁଦ୍ର କ୍ଷୁଦ୍ର କଣିକା ବାହାରିଯାଏ । ଯଦି ଆଖି ଖୋଲା ରହୁଥାନ୍ତା ତେବେ ଏହି ମାଇକ୍ରୋନ୍ସ ବ୍ୟାକ୍ଟେରିଆ ଓ କଣିକା ଗୁଡ଼ିକ ଆଖିର ସମ୍ବେଦନଶୀଳ ଅଂଶରେ ପହଞ୍ଚି ଯାଇଥାନ୍ତା । ଆଖି ବନ୍ଦ ହେବା ଯୋଗୁ ଆଖି ଙ୍କୁଡ଼ମଣରୁ ବଂଚିଯାଏ । ଏହା ଏକ ପ୍ରୋଟେକ୍ଟିଭ ରିଫ୍ଲେକ୍ସ, ଯାହାକୁ ରୋଗ ହେବାର ଆଶଙ୍କାରୁ ବଂଚି ଥାଏ । ଛିଙ୍କିବା ସମୟରେ ଆଖି ବନ୍ଦ ହେବା ଏକ ସାଧାରଣ କଥା । ଯେବେ ଆମେ ଛିଙ୍କୁ ଆମ ମସ୍ତିଷ୍କ ଆଖିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଏ । ଏହା ଏକ ଅମୈଚ୍ଛାକୃତ କ୍ରିୟା । ଅର୍ଥାତ୍ ଏହାକୁ ଆମେ ଆମ ଇଚ୍ଛାଦ୍ୱାରା ନିୟନ୍ତ୍ରଣ କରିପାରିବା ନାହିଁ । ଆମେ ଯେତେ ଚେଷ୍ଟା କଲେ ବି ଛିଙ୍କିବା ସମୟରେ ଆଖି ଖୋଲା ରଖିବା ଅସମ୍ଭବ । ଛିଙ୍କିବା ସମୟରେ ଅନେକ ପରିବର୍ତ୍ତନ ହୁଏ । ମାଂସପେଶୀ ସଙ୍କୁଚିତ ହୋଇଯାଏ । ଆଉ ଏହା ଏବେ ତୀବ୍ର ଗତିରେ ହୁଏ ଯେ, ଲାଗେ ସତେ ଯେମିତି हृदयस्पन्दन ବନ୍ଦ ହୋଇଯାଏ ବୋଲି ଜଣା ପାଡ଼ାଁ । ହେଲେ ହୃଦସ୍ପନ୍ଦନ ଅବିକଳ ଚାଲିଥାଏ । ଛିଙ୍କ ହୋଇଗଲା ପରେ ସବୁକିଛି ସାଧାରଣ ଅବସ୍ଥାକୁ ଫେରିଆସେ । ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛିଙ୍କକୁ ଆଦୌ ଅଟକାଇବା ଉଚିତ ନୁହେଁ । ଛିଙ୍କ ଏକ ପ୍ରାକୃତିକ ପଦ୍ଧତି, ଯାହାକି ଶରୀରର ହାନିକାରକ ପଦାର୍ଥ ଠାରୁ ଦୂରେଇବାରେ ସାହାଯ୍ୟ କରିଥାଏ । ଯେବେ ଛିଙ୍କ ଖୁବ ଜୋରରେ ଆସେ ଓ ଆପଣ ଏହାକୁ ଅଟକାନ୍ତି, ତେବେ ଏହା ଆଖି, ନାକ ଓ କାନ ପରବାରେ ଚାପ ଭେସଲ୍ସ ଉପରେ ଚାପ ପକାଇପାରେ । ତେଣୁ ଯେତେବେଳେ ଛଙ୍କା ଆସେ ଏହାକୁ ନିର୍ମାଳ ଭାବେ ହେବାକୁ ଦେବା ଉଚିତ । ଛିଙ୍କ ସହ ଜଡ଼ିତ ମାନ୍ୟତା ଭିନ୍ନ ଭିନ୍ନ ସଂସ୍କୃତିରେ ଛିଙ୍କକୁ ନେଇ ଅଲଗା ଅଲଗା ମାନ୍ୟତା ରହିଛି । କିଛି ସଂସ୍କୃତିରେ ଛିଙ୍କକୁ ସୌଭାଗ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଏ ତ ଅନ୍ୟ କେଉଁ ସଂସ୍କୃତିରେ ଏହାକୁ ଅଶୁଭ ମଣାଯାଏ । ଯେମିତି କି କିଛି ଏସୀୟ ସଂସ୍କୃତିରେ ଛିଙ୍କିବା ଅର୍ଥ କେଉଁ ଆପଣଙ୍କ ପାଇଁ ଖରାପ ଚିନ୍ତା କରୁଛନ୍ତି ଧରାଯାଏ । କିଛି ପରମ୍ପରାରେ ଛିଙ୍କିବାବେଳେ 'ଗଡ଼ ବ୍ଲେସ୍ ୟୁ' କୁହାଯାଏ । କାରଣ ସେମାନଙ୍କ ମତରେ ଛିଙ୍କିବା ବେଳେ କିଛି ସମୟ ପାଇଁ ଆତ୍ମା ଶରୀର ଠାରୁ ବାହାରି ଯାଏ । ଆଉ ଗଡ଼ ବ୍ଲେସ ୟୁ କୁହାଯାଏ । ଆତ୍ମାକୁ ସୁରକ୍ଷିତ ଭାବେ ଶରୀର ଭିତରକୁ ଆଣିବା ପାଇଁ । ଆଉ ଏକ ସିଦ୍ଧାନ୍ତ ଅନୁସାରେ ପ୍ରାଚୀନ ରୋମରେ ଭ୍ୟୁବୋନିକ ସ୍ୱେଗ ପ୍ରକୋପରେ ଛିଙ୍କିବା ଏକ ସାଧାରଣ ଲକ୍ଷଣ ଥିଲା । ପୋପ ଗ୍ରେଗୋରୀ ୭ମ ପ୍ଲେଗରୁ ବଂଚିବା ଲାଗି ଛିଙ୍କିବା ପରେ ଗଡ଼ ବ୍ଲେସ ୟୁ କହିବାକୁ ପରାମର୍ଶ ଦେଇଥିଲେ । ଏମିତି ଭାବେ ଛିଙ୍କିବା କେବଳ ଶରୀରର ଏକ ପ୍ରାକୃତିକ ପଦ୍ଧତି ନୁହେଁ ବରଂ ଏହାର ସାଂସ୍କୃତିକ ସହ ବି ରହିଛି । ତେବେ ଛିଙ୍କିବା ଏକ ସାଧାରଣ ଶ୍ୱାସ୍ଥ୍ୟଗତ ପ୍ରକ୍ରିୟା ହୋଇପାରେ କିନ୍ତୁ ବାରମ୍ବାର ଛିଙ୍କ ଆପଣଙ୍କ ନାକର ଅଭ୍ୟନ୍ତରଜନିତ ସମସ୍ୟାକୁ ସୂଚୀତ କରୁଛି । ଏ କ୍ଷେତ୍ରରେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

## ଧାମନଗରରେ ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ

ଭଦ୍ରକ: ସମାଜର ମାର୍ଗଦର୍ଶକ ହେଉଛନ୍ତି ବରିଷ୍ଠ ନାଗରିକ । ସେମାନଙ୍କ ଅଭିଜ୍ଞତା ଓ ସଂସ୍କାର ହିଁ ଆଗାମୀ ପିଢ଼ି ପାଇଁ ଆଲୋକ ବର୍ତ୍ତିକା ବୋଲି ଧାମନଗର ନାଗରିକ ପରିଷଦ ର ବାର୍ଷିକ ଉତ୍ସବ ରେ ଅତିଥି ମାନେ ମତ ବ୍ୟାକ୍ତ କରିଥିଲେ । ଧାମନଗର ହାଇସ୍କୁଲ ପରିସରରେ ଧାମନଗର ବରିଷ୍ଠ ନାଗରିକ ପରିଷଦର ନବମ ବାର୍ଷିକ ଉତ୍ସବ ରବିବାର ଅତ୍ୟନ୍ତ ଉତ୍ତିମୟ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି ।ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ବକ୍ତାମାନେ ସାମ୍ପ୍ରତିକ ସମାଜରେ ବୟସ୍କଙ୍କ ସ୍ଥିତି ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ପିତାମାତାଙ୍କୁ ଅବହେଳା ନକରି ସେମାନଙ୍କୁ ପୂଜା କଲେ ଜୀବନ ସାର୍ଥକ ହେବ ବୋଲି ଉତ୍ସବ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ କହିଛନ୍ତି । 'ଡିଜିଟାଲ ଆରେଷ୍ଟ' । ବରିଷ୍ଠ ନାଗରିକମାନେ ଜିଲ୍ଲାରେ ଅଜଣା ଫୋନ୍ କଲ୍ ଜିମ୍ବା ବରାଇବା ଭଳି ସାଇବର ଧମକ ରୁ ନିଜକୁ ଦୂରେଇ ରଖିବେ, ସେଥିପାଇଁ ବିଶେଷ ଭାବେ ଶ୍ରୀ ରାଉତ ସଚେତନ କରାଇଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନୋଜ କୁମାର ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡାକ୍ତର ଅଜିତ କେଳା, ଧାମନଗର ଫଂଟାପର

## ତ୍ରିବେଣୀ ଅମାବାସ୍ୟା ଓ ଦେବୀ ବିରଜାଙ୍କ ଜୟନ୍ତୀ

ଗଙ୍ଗା , ଯମୁନା , ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ତାକୁ ସୁରତ କରିବା ପାଇଁ ଏହି ଅମାବାସ୍ୟାର ନାମ କରଣ କରାଯାଇଅଛି । ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା କୁଶୋଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି । ଜାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶୀଘ୍ର ତୁଷ୍ଟି । ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ । ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁର୍ଦ୍ଦ ପୁରାତନ ଦେବୀ ମନ୍ଦିର । ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ୍ୟ ପରିଚିତ । ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି । ଗୋଟିଏ ଭୁଜରେ ତ୍ରିଶୂଳ ଓ ଅନ୍ୟ ଭୁଜରେ ଦେବୀ ମହିଷାସୁରର ଲାଞ୍ଜୁଡ଼ ଧରିଥିବାର ଦେଖାଯାଏ । ଦେବୀ ନିଜ ମୁଣ୍ଡରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି । ପୁରାଣ ଅନୁସାରେ ଦେବୀ ସମସ୍ତ ରକ୍ଷୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି । ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ । ସେ ବିଭିନ୍ନ ସମୟରେ ବିଭିନ୍ନ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ । ମାଘ ମାସର ଅମାବାସ୍ୟାକୁ ତ୍ରିବେଣୀ ଅମାବାସ୍ୟା ବା ମୌନୀ ଅମାବାସ୍ୟାଭାବେ କୁହାଯାଏ । ଏହି ଦିନରେ ଭୁଲଗଙ୍ଗାର ପବିତ୍ର ଜୁଆଗରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁମାନେ ଅଧିକ ପସନ୍ଦ କରିଥାନ୍ତି । ଏହି ଦିନରେ ତ୍ରିବେଣୀ ସଙ୍ଗମରେ ସ୍ନାନ ପୂର୍ବକ ମୌନବ୍ରତ ପାଳନ କରାଯାଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ମକର ସଂକ୍ରାନ୍ତିରେ ସୂର୍ଯ୍ୟ ମକର ରାଶିକୁ ଗମନ କରିଥାନ୍ତି । ଶନି ହେଉଛନ୍ତି ମକରର ସ୍ୱାମୀ ତା ପ୍ରଭୁ ଏବଂ ଚନ୍ଦ୍ରଙ୍କ ବିରୋଧୀ । ମକରରେ ସୂର୍ଯ୍ୟଙ୍କ ଅବସ୍ଥାନ ଦ୍ୱାରା ଶନିଙ୍କ ପ୍ରଭାବ ବୃଦ୍ଧି ପାଇଥାଏ । ଫଳରେ ଚନ୍ଦ୍ର ଦୁର୍ବଳ ହୋଇଥାନ୍ତି । ଚନ୍ଦ୍ରଙ୍କ ଦ୍ୱାରା ଆମର ମନ ଓ ଭାବ ନିୟନ୍ତ୍ରଣ ହେଉଥିବାରୁ ମୌନୀ ଅମାବାସ୍ୟା ଦିନ କଥା କହିବା ଏବଂ ମିଷ୍ଟାନ୍ନ ଦେବାର ଶକ୍ତି ଅପେକ୍ଷାକୃତ ଦୁର୍ବଳ ହୋଇଥାଏ । ତେଣୁ ମୌନୀ ଅମାବାସ୍ୟାରେ ମୌନ ବ୍ରତ ଅବଲମ୍ବନ କରିବା ଭଲ । ମାଘ ସ୍ନାନ ଦ୍ୱାରା ପୁଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ ରହିଛି । ମୌନୀ ଅମାବାସ୍ୟାରେ ତୀର୍ଥସ୍ଥଳରେ ବୁଡ଼, ଉପବାସ ପାଳନ ଓ ବିଷ୍ଣୁଙ୍କ ପୂଜା ଦ୍ୱାରା ମହାପୁଣ୍ୟ ଲାଭ ହୋଇଥାଏ । ଏହି ଦିନ ଅଶ୍ୱତ୍ଥ ବୃକ୍ଷ ପ୍ରଦକ୍ଷୀଣ କରିବାର ମଧ୍ୟ ବିଧି ରହିଛି । ମକର ମାସ ସାରା ପ୍ରୟାଗର ସଂଗମସ୍ଥଳରେ ହିନ୍ଦୁଭକ୍ତ ଓ ଶ୍ରଦ୍ଧାଳୁମାନେ ସ୍ନାନ, ଦାନ ଓ ପୂଜାର୍ଚ୍ଚନା ବା ଜପବାସ କରି ମୌନୀ ଅମାବାସ୍ୟାକୁ ଅପେକ୍ଷା କରି ରହିଥାନ୍ତି । ମାସବ୍ୟାପୀ କେତେକ ସାଧୁସନ୍ଥ ଜଳପାନ କରନ୍ତି ଏବଂ ଆଉ କେତେ ଦିନକୁ ଥରେ ହବିଷ୍ୟ ପାଳନ କରନ୍ତି । ଏଇଥା ମଧ୍ୟ କୁହାଯାଏ, ବୃଷ୍ଟିର ଆଗମନରେ ସବୁ ଶାନ୍ତ, ନିରବ ଥିଲା । ତାପରେ ଶବ୍ଦ ସୃଷ୍ଟି ହେଲା ଏବଂ ଏହି ଶବ୍ଦ ଥିଲା ଓଁକାର ବ୍ରହ୍ମନାଦ । ପ୍ରତ୍ୟେକ ଶବ୍ଦରେ ଶକ୍ତି ରହିଛି । ଏହି ଶକ୍ତି ହିଁ ବହୁଉପାର୍ଜ୍ଜନ ସ୍ଥିତିକୁ ପରିବର୍ତ୍ତନ କରିପାରେ । ମୌନୀ ଅମାବାସ୍ୟାରେ ମୌନ ରହିଲେ ଶରୀରରେ ପ୍ରାଣ ସଂଚରିତ ହୋଇ ରହେ । ଏହା ଶକ୍ତି ସାମର୍ଥ୍ୟ ପ୍ରଦାନ କରିଥାଏ । ମୌନୀ ଅମାବାସ୍ୟାକୁ ବିରଜା ଅମାବାସ୍ୟା ମଧ୍ୟ କୁହାଯାଏ । ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳତେଲ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ । ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ ବା ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ । ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜସୂୟର ସମାନ ଫଳ ମିଳେ । ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଜଳପାନ କରି ଦାନ ଧର୍ମ କଲେ ବେବେଦ ଓ ପୁଣ୍ୟ ପୁରୁଷମାନଙ୍କର ଆଶୀର୍ବାଦ ମିଳେ । ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି । ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ୱ ଅଛି । ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବ୍ରତ ଧାରଣ କରନ୍ତି । ସେମାନେ ମାନନ୍ତି ଯେ, ସେତେବେଳେ ସୂର୍ଯ୍ୟତନ୍ତ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳଜାଣି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ । ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ । ତେଣୁ ସୂର୍ଯ୍ୟତନ୍ତ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ । ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାନ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ୍ୟ ମିଳିଥାଏ ।

## ଟ୍ରମ୍ପୀୟ ମୂଢ଼ତା

ଏହା ଏକ ଅସାମାନ୍ୟ ଯୁଦ୍ଧ ହେବ; କାରଣ ଉଭୟ ଡେନମାର୍କ ଓ ଆମେରିକା ହେଉଛନ୍ତି 'ନାଟୋ' ଭଳି ଏକ ଦୃଢ଼ ସଂଗଠନର ସଦସ୍ୟ, ଯାହାର ଭିତ୍ତି-ଭୂମିନାମାର ପ୍ରମୁଖ ସର୍ଜରି ହେଲା, 'ନାଟୋ' ଅନୁବନ୍ଧିତ ଯେ କେ ?ଣସି ରାଷ୍ଟ୍ର ଉପରେ ହେଉଥିବା ଆକ୍ରମଣକୁ ସମସ୍ତ ସଦସ୍ୟ ରାଷ୍ଟ୍ର ନିଜ ଉପରେ ହୋଇଥିବା ଆକ୍ରମଣ ଭଳି ଦେଖିବେ ଏବଂ ଆକ୍ରମଣର ଶିକାର ରାଷ୍ଟ୍ରକୁ ମିଳିତ ଭାବେ ସହଯୋଗ କରିବେ । ଏବେ, କିନ୍ତୁ, ଦୁଇ ସଦସ୍ୟ ରାଷ୍ଟ୍ର ପରସ୍ପର ବିରୋଧରେ ଯୁଦ୍ଧ କରିବାକୁ ଉদ্যত; ସତେ ଯେମିତି ଶରୀରକୁ ସୁରକ୍ଷା ଦେବା ଲାଗି ଜଳିଷ୍ଠ ରୋଗ ପ୍ରତିରୋଧକ ଶକ୍ତି ସ୍ୱୟଂ ଶରୀର ଉପରେ ଆକ୍ରମଣ କରିବାକୁ ଯାଉଛି ! ଏଭଳି ସ୍ଥିତିରେ ଯେଉଁ 'ଅଟୋ ଇମ୍ୟୁନ୍' ବ୍ୟାଧିମାନ ସୃଷ୍ଟି ହୋଇଥାଏ, ସେ ସବୁ ଦୁରାରୋଗ୍ୟ ହୋଇଥାଏ । ଉତ୍ତର ମେରୁରେ ଅବସ୍ଥିତ ଡିଣ୍ଡାଳ ଦ୍ୱୀପ ଗ୍ରୀନଲାଣ୍ଡ, ଏ ଯାବତ, ସର୍ବାଧିକ କମ୍ ଆଲୋଚିତ ହେଉଥିବା ଭୂଖଣ୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇ ରହିଆସିଥିବା ବେଳେ ଏକ ଅପ୍ରାତିକର କାରଣରୁ ତାହା ଏବେ ସର୍ବତ୍ର ଗଣମାଧ୍ୟମର ଶିରୋନାମା ମଣ୍ଡନ କରୁଛି । ଅବଶ୍ୟ, ଏହା ସତ ଯେ ଜଳବାୟୁ ପରିବର୍ତ୍ତନଜନିତ ବିଶ୍ୱ ଉତ୍ତପ୍ତୀକରଣ ହେତୁ ଏକ ନିଶ୍ଚିତ ବର୍ଷ ଧରି ସେଠାରେ ଜମାଟ ବାନ୍ଧି ରହିଥିବା ବରଫ ଆସ୍ତରଣ ତରଲୁ ଥିବାରୁ ଆଶଙ୍କା ବିଜଡ଼ିତ ଉଦ୍ ?ବେଗ ସୃଷ୍ଟି ହୋଇ ଗ୍ରୀନଲାଣ୍ଡକୁ ଅନେକ ସମୟରେ ଚର୍ଚ୍ଚାର ପରିସର ମଧ୍ୟକୁ ଘେନି ଆସୁଛି, କିନ୍ତୁ ଏବେ ପରିଦୃଷ୍ଟ ହୋଇଥିବା ବିତର୍କର ବଡ଼ାସ ଅଭୂତପୂର୍ବ, ଯାହାର କାରଣ ସ୍ୱଳ୍ପ ବୃଦ୍ଧିସଂପନ୍ନ ରାଜନୀତି, ପ୍ରଭୁତ୍ୱ ବିସ୍ତାରକାରୀ ରଣନୀତି ଓ ନଗ୍ନ ସ୍ୱାର୍ଥ ଜଡ଼ିତ ବାଣିଜ୍ୟ ନୀତି । ଏହା ବର୍ତ୍ତମାନ ସୁବିଦିତ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ ?ଡ ଟ୍ରମ୍ପ ଗ୍ରୀନଲାଣ୍ଡ ଅଞ୍ଚଳକୁ କିଣିବାର ଚେଷ୍ଟାରେ ଅଛନ୍ତି ଏବଂ ୧୭୨୧ ମସିହାରୁ ପ୍ରଥମେ ଡେନମାର୍କର ଏକ ଉପନିବେଶ ଏବଂ ୧୯୫୩ ମସିହାର ଏକ ବୃଦ୍ଧି ବଳରେ ଡେନମାର୍କର ଏକ ଅଂଶରେ ପରିଣତ ହୋଇଥିବା ଏହି ଭୂଖଣ୍ଡକୁ ହସ୍ତାନ୍ତର କରିବାକୁ ଡେନମାର୍କ ସଂପୂର୍ଣ୍ଣ ଅରାଜି ; ଯେଉଁ ପରିସ୍ଥିତିରେ ଏକ ଆସନ୍ନ ଯୁଦ୍ଧର ଭୟ ମଧ୍ୟ ବିସ୍ତୃତଜନ୍ମରେ ସ୍ପଷ୍ଟ-ଅସ୍ପଷ୍ଟ ଭାବେ ବିଶିଆଥାଏ । ଏଭଳି ଏକ ଅଭାବନୀୟ ଦୃଶ୍ୟପଟ୍ଟରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପ୍ରଶ୍ନ ଉଠିଥାଏ ଯେ ମାତ୍ର ୫୬ ହଜାର ବାସିନ୍ଦା(ଏସ୍କିମୋ)ଙ୍କୁ ଘେନି ବର୍ଷର ଅଧିକାଂଶ ସମୟ ଘନ ବରଫାଚ୍ଛାଦିତ ଏକ ବିଶାଳ ଭୂଖଣ୍ଡ ଅଛିଆର କରିବା ନେଇ ଟ୍ରମ୍ପ କାହିଁକି ଅଟକ ? ପ୍ରଥମ କାରଣଟି ହେଲା ଚୀନ ଓ ରୁଷିଆ ଉପରେ ଆକ୍ରମଣ କରିବା ବା ସେ ପକ୍ଷରୁ ଜେ ?ଣସି ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଗ୍ରୀନଲାଣ୍ଡର ଅବସ୍ଥିତି ଓ ସାମୀପ୍ୟ ଆମେରିକାକୁ ଏକ ମଜବୁତ ରଣନୈତିକ ସୁବିଧା ପ୍ରଦାନ କରିଥାଏ, ଯେଉଁ କାରଣରୁ ସୋଭିଏତ ରୁଷିଆ ସହିତ ଶୀତଳ ଯୁଦ୍ଧ ସମୟରୁ ସେଠାରେ ଏକ ଆମେରିକୀୟ ସାମରିକ ଘାଟୀ ବିଦ୍ୟମାନ ; ଯଦିଓ ଆମେରିକା ପକ୍ଷରୁ ସେଠାରେ ଆଣବିକ କ୍ଷେପଣାସ୍ତ୍ର ରଖିବାର ଲକ୍ଷ୍ୟ ଡେନମାର୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛି । ଦ୍ୱିତୀୟ କାରଣଟି ଅବଶ୍ୟ ଅଧିକ ବିତଳିତକର; ଅର୍ଥାତ୍ ବିଶ୍ୱ ତାପନ ହେତୁ ଗ୍ରୀନଲାଣ୍ଡକୁ ଘେରି ରହିଥିବା ମେରୁ ସାଗରର ବରଫ ତରଳି ଜୁମେ ତାକୁ ସୁନାବାଦ୍ୟ ଜଳାଣ୍

# ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ବିକାଶ କମିଟି ସମୀକ୍ଷା ବୈଠକ

ଝାରସୁଗୁଡ଼ା,୧୯/୧(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ଏବଂ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର କାର୍ଯ୍ୟସୂଚୀ ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଭାରତୀୟ ପ୍ରଶାସନିକ ସେବା ପ୍ରଶିକ୍ଷାର୍ଥୀ ପ୍ରଜ୍ଞାନନ୍ଦନ ଗିରି, ଝଡିକିଲା ଜିଲ୍ଲାପାଳ (ସାଧାରଣ) ତୁଳବନ୍ଧୁ ଲୋଇ ଏବଂ ଜିଲ୍ଲା ଯୋଜନା ଓ ସମୀକ୍ଷା ୟୁନିଟ୍‌ର ଉପ-ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ । ଝାରସୁଗୁଡ଼ା ଜିଲ୍ଲାକୁ ରାଜ୍ୟର ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ବା ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ସାମାଜିକ, ଅର୍ଥନୈତିକ ଏବଂ ଭୌତିକ ଭିତ୍ତିଭୂମି କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରାଯାଇ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ଯୋଜନା ଅଧୀନରେ ବିଭିନ୍ନ ବିଭାଗର ଚାଲୁ ରହିଥିବା କାର୍ଯ୍ୟ ଏବଂ ଅତୀତ ରହିଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜୁହାଯାଇଥିବା ବେଳେ ପ୍ରତି ଫଟାୟତରେ ଏକ ମିନି ଷ୍ଟାଡିୟମ ନିର୍ମାଣ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲାର ପ୍ରତିଟି ଗ୍ରାମର ଶେଷ ସୀମା ପର୍ଯ୍ୟନ୍ତ ଉତମ ଯୋଗାଯୋଗ ବ୍ୟବସ୍ଥା ବା 'ଅନ୍ତ୍ୟୋଦୟ ସଂଯୋଗ' ସୁନିଶ୍ଚିତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ନେଇ ଏକ ମିଳିତ କମିଟି ଗଠନ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଗାମୀ ୫ ବର୍ଷରୁ ୫୦ ବର୍ଷ ପର୍ଯ୍ୟନ୍ତ ଜିଲ୍ଲାର ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ଏକ 'ଦୂରଦର୍ଶୀ ଯୋଜନା' ପ୍ରସ୍ତୁତ କରିବାକୁ ପ୍ରତ୍ୟେକ ବିଭାଗକୁ ପ୍ରସ୍ତାବ ଦିଆଯାଇଛି । ଜିଲ୍ଲା ପ୍ରଶାସନର ଡିପିଏମୟୁର ଯୁକ୍ତି ଝିଂ ଦ୍ୱାରା ଆୟୋଜିତ ଏହି ସମୀକ୍ଷା ବୈଠକରେ ସମସ୍ତ ଖୋଷ୍ଟା ଉନ୍ନୟନ ଅଧିକାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ଲାଇକେରା, ଜିର୍ମିରା, କୋଲାବିରା ଓ ଝାରସୁଗୁଡ଼ାର ପଞ୍ଚାୟତ ସମିତି ଅଧ୍ୟକ୍ଷମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଚାଲାଣ ବେଳେ ଗଂଜେଇ ସହ କାର, ନଗଦ ଟଙ୍କା ଜବତ

ଜମନକିରା,୧୯/୧(ନି/ପ୍ର): ସମ୍ବଲପୁର ଏସପି ମୁକେଶ କୁମାର୍ ଭାମୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ବେଆଇନ୍ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକ୍ ଲଗାଇବା ପାଇଁ ପୁଲିସ୍ ଧରପକଡ ଅଭିଯାନ ଚଳାଇଛି । ଏହି ଅଭିଯାନକୁ ଜୋରଦାର କରି ଜମନକିରା ପୁଲିସ୍ ଏକ ବଡ଼ ସଫଳତା ହାସଲ କରିଛି । ରବିବାର ଅପରାହ୍ନରେ ଜମନକିରା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜୁଡିଶା ଏସ୍‌ଡିପିଓ କୁମାର ବାଶ ସୂଚନା ଦେଇ କହିଥିଲେ ଯେ ଗତ ୨୩ ମାସ ହେଲା ଜିଲ୍ଲାରେ ବ୍ୟାପକ ପରିମାଣର ନିଶାଦ୍ରବ୍ୟ ଚୋରା ଚାଲାଣ ହେଉଛି । ଗତ ୧୭ ତାରିଖ ଅପରାହ୍ନ ଦେଢ଼ଟାରେ ଜମନକିରା ଥାନା ଆଇଆଇସି ପଟ୍ଟାଳୟା ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ସନ୍ତୋଷ ସ୍ୱାଇଁ ଏବଂ ପୁଲିସ ଟିମ୍ (ଏନ୍‌ଏଚ୍ ୫୩) ଉପରେ ଚେତଚାମ୍ବ ଅଚଂଳରେ ପାଟ୍ରୋଲିଂ କରୁଥିଲେ । ପୁଲିସକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା । ସେହି ରାସ୍ତା ଦେଇ ଯାଉଥିବା ଏକ ସିଲଭର୍ ରଙ୍ଗର ଏକ କାର (ଓଡ଼ି ୦୨ଜି ୦୯୧୯)କୁ ପୁଲିସ ଟିମ୍ ଅଟକାଇ ଯାଞ୍ଚ କରିବାକୁ ସେଥିରେ ଦୁଇଟି ପ୍ଲାଷ୍ଟିକ୍ ବ୍ୟାଗରେ ମୋଟ୍ ୨୫ କିଲୋ ୪୫୦ ଗ୍ରାମ ଗଞ୍ଜେଇ ରହିଥିଲା । ମାଲିଷ୍ଟେଙ୍କେ ଉପସ୍ଥିତିରେ ଓ ସ୍ଥାନୀୟ ସାକ୍ଷୀ ମାନଙ୍କ ସମ୍ମୁଖରେ ଓଜନ କରିବାରୁ ଗୋଟିଏ ପ୍ଲାଷ୍ଟିକ ବ୍ୟାଗ୍‌ରେ ୧୬ କିଲୋ ୫୦୦ ଗ୍ରାମ ଥିବା ବେଳେ ଅନ୍ୟ ଏକ ବ୍ୟାଗ ରେ ୮ କିଲୋ ୯୫୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ଥିବା ଜଣା ପଡିଥିଲା । କାରକୁ ଦୀପକ ପାଣ୍ଡେ ଚଳାଉ ଥିଲା ବୋଲି ଏସଡିପିଓ ଶ୍ରୀ ଦାଶ ସୂଚନା ଦେଇଛନ୍ତି । ଘଟଣାସ୍ଥଳରୁ ୪ ଜଣ ପେଶାଦାର ଗଞ୍ଜେଇ ମାଫିଆ ଯଥା-ସମ୍ବଲପୁର କ୍ଷେତରାଜପୁର ବାସିନ୍ଦା ରୋଶନ୍ ସିଂ (୨୪), ଚିଡ଼ାରୀଗଜିର ବୀରଜ ପାଣ୍ଡେ (୨୨), ଧନୁପାଲି ଥାନା ଅଧୀନ ମୋତିଝରନର ମହମ୍ମଦ ଦାନିସ (୨୦) ଏବଂ କ୍ଷେତରାଜପୁର ଥାନା ଅଧୀନ ଦୁର୍ଗାପାଲିର ଉଦମ ବରଗର୍ତ୍ତୀ (୩୦)କୁ ଥାନାକୁ ଧରି ଆଣି ପଚରା ଉଚୁରା କରିଥିଲା । ପୁଲିସ୍ ଜେରା ବେଳେ କୋଇକତାରୁ ଦେବଗଡ, ସମ୍ବଲପୁରକୁ ଲାୟା ବଡ଼ରମା ଘାଟି ଦେଇ ଗଞ୍ଜେଇ ଚାଲାଣ କରୁଥିବା ସ୍ୱୀକାର କରିଥିଲେ । ଗଞ୍ଜେଇ ଚୋରା ଚାଲାଣ ବେଳେ ବ୍ୟବହୃତ ଗାଡ଼ି ସମେତ ୨୦୦ ଟି ୫୦୦ ଟଙ୍କିଆ ନୋଟ୍ ବାବଦକୁ ଏକ ଲକ୍ଷ ଟଙ୍କା, ବିଭିନ୍ନ କମ୍ପାନି ପ୍ରସ୍ତୁତ ସିମ୍ ସହିତ ୫ଟି ଆଣ୍ଡ୍ରଏଡ ମୋବାଇଲ ଜବତ୍ କରିଥିଲା । ଏମାନେ ଅନ୍ୟ କେଉଁ ମାମଲାରେ ସଂପୃକ୍ତ ରହିଛନ୍ତି କି ନାହିଁ ଅଧିକ ତଦନ୍ତ କଲେ ଜଣାପଡ଼ିବ ବୋଲି ଜୁହାଯାଇଛି । ଜମନକିରା ଥାନାରେ ଏକ ରୁଜୁ ହୋଇଛି । ଏହାର ତଦନ୍ତକାରୀ ପୁଲିସ ଅଫିସର୍ ଏସଆଇ ସନ୍ତୋଷ ସ୍ୱାଇଁ ରହିଛନ୍ତି ।

# ଜିଲ୍ଲାପାଳଙ୍କ ଦ୍ୱାରା କିର୍ମିରା ଓ ଲାଇକେରା ବ୍ଲକର ଧାନ ସଂଗ୍ରହ କେନ୍ଦ୍ର ପରିଦର୍ଶନ

ଝାରସୁଗୁଡ଼ା,୧୯/୧(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି କିର୍ମିରା ଏବଂ ଲାଇକେରା ବ୍ଲକର ବିଭିନ୍ନ ଧାନ ସଂଗ୍ରହ କେନ୍ଦ୍ର (ମଣ୍ଡି) ପରିଦର୍ଶନ କରି ଚାଲୁ ରହିଥିବା ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି । ସରକାରଙ୍କ ଦ୍ୱାରା ନିର୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଅନୁଯାୟୀ ଚାଷୀମାନେ ଯେପରି ସୁଚୁଖୁଚୁରେ ଧାନ ବିକ୍ରି କରିପାରିବେ ଏବଂ ସେମାନଙ୍କୁ ପ୍ରାପ୍ୟ ସଠିକ୍ ସମୟରେ ପାଇପାରିବେ, ସେଥିପ୍ରତି ଜିଲ୍ଲାପାଳ ବିଶେଷ ଦୃଷ୍ଟି ଦେଇଛନ୍ତି । ପରିଦର୍ଶନ ସମୟରେ ଜିଲ୍ଲାପାଳ ସେଠାରେ ଉପସ୍ଥିତ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ । ମଣ୍ଡିରେ ଚାଷୀଙ୍କ ପାଇଁ ଥିବା ଆନୁଷଙ୍ଗିକ ବ୍ୟବସ୍ଥାକୁ ମଧ୍ୟ ସେ ଅନୁଧ୍ୟାନ କରିଥିଲେ । ଏଥି ସହିତ ଜିଲ୍ଲାପାଳ ମଣ୍ଡିରେ ନିୟୋଜିତ ନୋଡାଲ ଅଫିସର ଏବଂ ମଣ୍ଡି ସୁପରଭାଇଜରମାନଙ୍କ ଉପସ୍ଥିତି ଯାଂଚ୍ କରିଥିଲେ । ସମସ୍ତ ଅଧିକାରୀଙ୍କୁ ମଣ୍ଡିରେ ଉପସ୍ଥିତ ରହିବାକୁ ଏବଂ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଧାନ ସଂଗ୍ରହ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# କହିକହି ଥକିଗଲେ... ଶେଷରେ ଗ୍ରାମବାସୀ ନିର୍ମାଣ କଲେ ରାସ୍ତା

ଗୁ.ଉଦୟଗିରି,୧୯/୧(ନି/ପ୍ର): ଦୀର୍ଘଦିନ ଧରି ଅବହେଳିତ ରହିଆସୁଥିବା ଗୁ ଉଦୟଗିରି ବ୍ଲକ ଅନ୍ତର୍ଗତ ମାଲିକପୋଡ଼ି ପଟାଂଚରର ୧୧ ନମ୍ବର୍ ୱାର୍ଡର ବାଡେନାକୁ ଗ୍ରାମର ରାସ୍ତା ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାହାର ନଜରକୁ ଆସିଲାନି କି ସମାଧାନ ନ ହେବାରୁ ଶେଷରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ରାସ୍ତା ନିର୍ମାଣ କରିଛନ୍ତି । ସରକାରୀ ସହାୟତା ମିଳିନଥିବାରୁ ଗ୍ରାମବାସୀ ମିଳିତ ଭାବେ ନିଜସ୍ୱ ଉଦ୍ୟମରେ ନିଜେ ପାରିଶ୍ରମିକ ଏବଂ ଅର୍ଥ ଖର୍ଚ୍ଚ କରି ଏହି କାର୍ଯ୍ୟ ସମ୍ପନ୍ନ କରିଥିବା ଘଟଣା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ରାସ୍ତାଟି ଦୀର୍ଘଦିନ ଧରି ଭଗ୍ନ ଅବସ୍ଥାରେ ଥିବାରୁ ଯାତାୟତ, ଛାତ୍ରଛାତ୍ରୀ କିମ୍ବା ରୋଗୀଙ୍କ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଥିଲା । ବର୍ଷାଦିନରେ ରାସ୍ତାଟି ପୂରାପୂରି ଅଚଳ ହୋଇ ଯାଉଥିବାରୁ ଗ୍ରାମବାସୀ ବହୁ ସମସ୍ୟାରେ ସମ୍ମୁଖୀନ ହେଉଥିଲେ । ଏନେଇ ଅନେକ ଥର ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳିନଥିଲା । ସେପରେ ସରପଂଚ ଝରଣା ପ୍ରଧାନ ମଧ୍ୟ ତାଙ୍କ ପ୍ରତିକ୍ରିୟାରେ ଏହି ରାସ୍ତା କାମ ବିଷୟରେ ଗୁମୁସର ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି । ସେପରେ ଗ୍ରାମବାସୀ ଓ ସ୍ଥାନୀୟ ଯୁବକ ସଂଘ ଜନଅଭିଯୋଗ ଶୁଣାଣି ମାଧ୍ୟମରେ ମଧ୍ୟ ଅଭିଯୋଗ କରିଥିଲେ । ତଥାପି ସୁଫଳ ମିଳିଲା ନାହିଁ । ଏହା ପରେ ଗ୍ରାମସଭାରେ ଆଲୋଚନା କରି ଗ୍ରାମବାସୀ ନିଜ ଖର୍ଚ୍ଚ ଓ ଶ୍ରମଦାନରେ ରାସ୍ତା ନିର୍ମାଣ କରିବାକୁ ସିଦ୍ଧାନ୍ତ ନେଇଥିଲେ । ତେବେ ଆଜି ଗ୍ରାମର କୁଲୁଣୀଙ୍କର ପ୍ରଧାନ, ଅଗୁଣ କୁମାର ପ୍ରଧାନ, ସୁଆର ପ୍ରଧାନ, ନହସନ ନାୟକ, ସୀମାଙ୍କଳ ନାୟକ ସମେତ ଅନେକ ଯୁବକ, ମହିଳାମାନେ ଏହି କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦେଇ ନିଜସ୍ୱ ପାଣ୍ଠିରୁ ଅର୍ଥ ଆଦାୟ କରି ରାସ୍ତା ନିର୍ମାଣ କରିଥିବା ଦୃଶ୍ୟ ଦେଖିବା ପରେ ସରକାରଙ୍କ ଗାଁର ବିକାଶ ଯୋଜନା ଫିଟୁଛି ହେଲା ଭଳି ମନେ ହେବା ସହ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ରାସ୍ତା ନିର୍ମାଣ ପରେ ନିଜ ଗ୍ରାମ ସହିତ ପାର୍ଶ୍ୱବର୍ତ୍ତୀ ଅଂଚଳର ସଂଯୋଗ ବ୍ୟବସ୍ଥାରେ ସୁଧାର ଆସିବ । ସେମାନେ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ରାସ୍ତାଟିକୁ ପକ୍କା କରିବା ପାଇଁ ଦାବି କରାଯିବ ବୋଲି କହିଛନ୍ତି ।

# ଚୈତ୍ର ପୂର୍ଣ୍ଣିମାରେ ବନଦୁର୍ଗା ମହୋତ୍ସବ ପାଇଁ ପ୍ରସ୍ତୁତି

## ଆଭାସୀ ଜାରିଆରେ ଯୋଗ ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ

ବଲାଙ୍ଗିର, ୧୯/୧(ନି/ପ୍ର): ଲୋଇସିଂହା ବ୍ଲକ ଅନ୍ତର୍ଗତ, ବଲାଙ୍ଗିର ସହରରୁ ୨୨ କିମି ଦୂରରେ ଅବସ୍ଥିତ ଲୋୟର ସୁକଚେଲ ଡ୍ୟାମ ପାଶ୍ୱର୍ରେ ଅବସ୍ଥିତ ମାଁ ବନଦୁର୍ଗା ମନ୍ଦିର । ଚଳିତ ବର୍ଷ ଆସନ୍ତା ଚୈତ୍ର ପୂର୍ଣ୍ଣିମା ଲମ୍ବୁ ତା ୦୧ ଅପ୍ରେଲ ୨୬ ରୁ ୦୫ ଅପ୍ରେଲ ୨୬ ପର୍ଯ୍ୟନ୍ତ ୫ ଦିନ ଧରି ବନଦୁର୍ଗା ମହୋତ୍ସବ ଆୟୋଜନ କରିବା ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଗୁରବେଡା ତଥା ବନଦୁର୍ଗା ମହୋତ୍ସବ କମିଟି ସଭାପତି ସଂଜୟ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଆଖ ପାଖର ୧୦ ଜଣ ସରପଂଚ ଏବଂ ପ୍ରତିନିଧି ଯୋଗ ଦେଇଥିଲେ । ଏହି ମହୋତ୍ସବରେ ଲୋୟର ସୁକଚେଲ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା କଳା କଳାକାର, ପ୍ରକୃତି, ସଂସ୍କୃତି, ଜୀବନ ଜିବିକା ର ପୁର୍ନଉଦ୍ଧାର ନିମନ୍ତେ ଏହା ଏକ ମିଳିତ ଉଦ୍ୟମ ହେବ । ଲୋୟର ସୁକଚେଲ ଡ୍ୟାମ ଆଖ ପାଖ ଅଚଂଳକୁ ଏକ ତୀର୍ଥ କ୍ଷେତ୍ର କରିବା ଯଦ୍ୱାରା ଅଧିକ ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରିବା ପାଇଁ ଆଲୋଚନା ହୋଇଥିଲା । ସର୍ବସମ୍ମତି କ୍ରମେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ପାଇଁ ସମସ୍ତେ ପ୍ରସ୍ତାବ ରଖିଥିଲେ, ଏହି କମିଟି ଙ୍କୁ ଚୁକ୍ତି ରେଜିଷ୍ଟ୍ରିଭୁକ୍ତ କରିବା । ଏହି ବର୍ଷ ବନଦୁର୍ଗା ମାଁ ଙ୍କ ପୂଜା ସଙ୍ଗେ ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ପ୍ରସ୍ତାବ ଗୃହିତ ହେଲା । ଆଜିର ବୈଠକରେ ବିକାଶ ବଂଜନ ରଥ, କୈଳାସ ଚନ୍ଦ୍ର ସିଂଦେଓ, ନରେନ୍ଦ୍ର ବିଶି, ହିମାଂଚଳ ମେହେର, ସୋମନାଥ ପଟେଲ, ଛୋଟୁଭଲ ସାହୁ, ଟୁନା ସାହୁ, ଭରତ ସାହୁ, ରାହାସ ବିହାରୀ ବିଶ୍ୱାଲ, ଗଣନାଥ ଭଲୋଇ, ଅଜୟ ଗଡତ୍ୟା, ଶାନ୍ତନୁ କୁମାର ସିଂ, ଚତୁର୍ଭୁଜ ସାହୁ, ରିଙ୍କୁ ସଂପାଦକ ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗରିବ ଅସହାୟଙ୍କ ପାଇଁ ଆବାସ ଯୋଜନା ସାତସପନ

ଗୁ.ଉଦୟଗିରି,୧୯/୧(ନି/ପ୍ର): ଗୃହହୀନ ଓ ଚାଳଛପର ଘରେ ଜୀବନ ବିତାଉଥିବା ଗରିବ ପରିବାର ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିଛନ୍ତି । କିନ୍ତୁ ଏହି ଯୋଜନା ଠିକ୍‌ଠାକରେ ପରିଚାଳିତ ହେଉନଥିବା ଦୃଷ୍ଟି ଗୋଚର ହେଉଛି । ଯେଉଁମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବା ଉଚିତ, ସେମାନେ ଅବହେଳିତ ଅଛନ୍ତି । ଝୁଲା ବାଲାଣ୍ଡି ମିଳୁଛି ସରକାରୀ ଯୋଜନା । ନଥିଆବାଲା ଭାଗ୍ୟଙ୍କୁ ଆଦରି ଭଙ୍ଗା ଦରଦା ଘରେ ଜୀବନ କାଟିବାକୁ ପଡୁଛି । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଲକ୍ଷମାଳଜିଲ୍ଲା ଜ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଟାଂଚଳ ବନେଗାଁ ଗ୍ରାମରେ । ସ୍ତ୍ରୀ ବନାବେଲ ପ୍ରଧାନ ଏବଂ ସ୍ୱାମୀ ଲାଇବନ ପ୍ରଧାନ ଭଙ୍ଗା ଦରଦା ଘରେ ଦୟନୀୟ ଭାବରେ ରହୁଥିବା ଦୃଶ୍ୟ ଦେଖିଲେ ସରକାରୀ ଯୋଜନା ବାଟବଣା ହେଲାଭଳିମନେ ହେଉଛି । ଦିନ ମଜୁରୀ କରି ଯାହା ଆଦାୟ ହେଉଛି ସେଥିରେ ଦୁଇ ପ୍ରାଣୀ ନିଜ ଦୈନନ୍ଦିନ ଗୁଜୁରାଣ ମେଳମଂଗ ଥିବାବେଳେ ଘରର ଅବସ୍ଥା ଦିନକୁ ଦିନ ଦୟାନୀୟ ହେବାରେ ଲାଗିଲାଣି । ଭଙ୍ଗାଦରଦା ଘରକୁ ସଜାଡ଼ିବାକୁ ମଧ୍ୟ ସମ୍ବଳ ଅଭାବ । ଯେଉଁଦିନ ମିଳୁଛି ସେଦିନ ପରିବାର ଚଳିବା ଖଣ୍ଡ ପୁଣି ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି । ଦୀର୍ଘବର୍ଷରୁ ଭଙ୍ଗା ଦରଦା ଟିଣ ଛପର ଘରେ ଦୁଇ ଜୁହାଜୁହାଙ୍କ ବିତୁଛି ଜୀବନ । ଏହି ଦୃଶ୍ୟ ଦେଖିବା ପରେ ସରକାରୀ ଯୋଜନା ଫେଲ୍ ମାରିଛି ବୋଲି ଗରିବ ଲୋକ ମତବ୍ୟକ୍ତ କରିଛନ୍ତି । ଦୁହିଁଙ୍କ ଘର ଛପର ନଷ୍ଟ ହେବାକୁ ଗଲାଣି ଘରର ଛାନୁ ସବୁ ଫାଟି ଆଁ କରିଛି ଏପରି ବିପଦ ସଙ୍କୁଳ ଘରେ ବୃଦ୍ଧ ବୃଦ୍ଧା ରାତ୍ରିଯାପନ କରୁଛନ୍ତି । ଘର ମରାମତି କରିବା ପାଇଁ ହାତରେ ସମ୍ବଳ ନାହିଁ । ଘର ଖଣ୍ଡିଏ ପାଇଁ ବାରମ୍ବାର ପଟାଂଚର କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ସାରଙ୍ଗଡ଼ ଅଂଚଳ ଅଶ୍ୱିନି କୁମାରପାତ୍ର ।

# ଗ୍ରାମୋଦୟ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡା, ୧୯/୧(ନି/ପ୍ର):ନୂଆପଡ଼ାରେ ଜିଲ୍ଲାପାଳ ମଧୁସୂଦନ ବାଣଙ୍କ ଅଧ୍ୟକ୍ଷତାରେ ଗ୍ରାମୋଦୟ ସମୀକ୍ଷା ବୈଠକ ସ୍ଥାନୀୟ ସଭାବନା ସଭା ଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଲୁଆ ସମସ୍ତଙ୍କୁ ସମ୍ବୋଧନ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ କ୍ଷ ବାମପନ୍ଥୀ ନକ୍ସଲବାଦ ଦ୍ୱାରା ପ୍ରଭାବିତ ଅଂଚଳଗୁଡ଼ିକର ବିକାଶ ପାଇଁ ଏବଂ ଏଠାରେ ସମସ୍ତ ସରକାରୀ ଯୋଜନାର ପରିପୂର୍ଣ୍ଣତା ପାଇଁ କେନ୍ଦ୍ର ସରକାର ଦ୍ୱାରା ଗ୍ରାମୋଦୟ ଯୋଜନା ପରିଚାଳିତ ହେଉଛି । ନକ୍ସଲବାଦ ଦ୍ୱାରା ପ୍ରଭାବିତ ବିସବନ୍ଧୁ ସମଗ୍ର ଭାବରେ ସମାଧାନ କରିବାକୁ ଓଡିଶା ସରକାର ମଧ୍ୟ ପ୍ରତିବଦ୍ଧ । ଏଥିପାଇଁ ରାଜ୍ୟର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଗ୍ରାମଗୁଡ଼ିକରେ ଉନ୍ନତି ବିଧାନ ପାଇଁ ପରିପୂର୍ଣ୍ଣତା ଭିତିରେ ବିଭିନ୍ନ ଜନହିତକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନୂଆପଡା ଜିଲ୍ଲାରେ ମଧ୍ୟ 'ଗ୍ରାମୋଦୟ' ଯୋଜନା ଗ୍ରହଣ କରାଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବୃଦ୍ଧି କରିବା ପାଇଁ ବିଭିନ୍ନ ମୌଳିକ ସୁବିଧା ଓ ଜନକଲ୍ୟାଣକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତାକୁ ନିଶ୍ଚିତ

# ବେଆଇନ ଜମି ଅଧିଗ୍ରହଣ : ରାଜ୍ୟ ରାଜପଥ-୧୦ ଅବରୋଧ

ରାଜଗାଙ୍ଗପୁର,୧୯/୧(ନି/ପ୍ର): ସୁନ୍ଦରଗଡ ଜିଲ୍ଲାର ଲାଞ୍ଜିବେର୍ଣ୍ଣାରେ ଡାଲମିଆ ଭାରତ ସିମେଣ୍ଟସ ଲିମିଟେଡ୍ ଦ୍ୱାରା ବେଆଇନ ଜମି ଅଧିଗ୍ରହଣ କରାଯାଇଥିବା ଅଭିଯୋଗରେ ସ୍ଥାନୀୟ ବାସିନ୍ଦାମାନେ ସୋମବାର ଦିନ ରାଉରକେଲା - ସମ୍ବଲପୁର ରାଜ୍ୟ ରାଜପଥ-୧୦କୁ ଅବରୋଧ କରି ଆନ୍ଦୋଳନ ଆରମ୍ଭ କରିଥିଲେ । ସୂଚନା ଅନୁଯାୟୀ, ପ୍ରତିବାଦକାରୀମାନଙ୍କ ପକ୍ଷରୁ ଆରୋପ କରାଯାଇଛି ଯେ, ଡାଲମିଆ ଭାରତ ସିମେଣ୍ଟ କମ୍ପାନୀ ବେଆଇନ ଭାବେ ଅଧିକାର କରିଥିବା ଚାଷ ଜମିର ଉପଯୁକ୍ତ କ୍ଷତିପୂରଣ, ସମ୍ପତ୍ତି ଏବଂ ଆଇନଗତ ପ୍ରକ୍ରିୟା ପାଳନ ନକରି ବେଆଇନ ଭାବରେ ଜମି ଅଧିଗ୍ରହଣ କରିଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ଦାବି କରି, ଆନ୍ଦୋଳନକାରୀମାନେ ରାଜପଥରେ ବସି ରହି ଯାନବାହାନ ଚଳାଚଳ ବନ୍ଦ କରି ଦେଇଥିଲେ । ଅବରୋଧ ଫଳରେ, ଭାରୀ ଟ୍ରକ୍, ବସ୍ ଏବଂ ବ୍ୟକ୍ତିଗତ କାର ସମେତ ଶହ ଶହ ଯାନବାହାନ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ଘଣ୍ଟା ଧରି ଅଟକି ରହିଥିଲେ । ଯାହା ଫଳରେ ଯାତ୍ରୀ ଏବଂ ପରିବହନ ଯାନର ଚାଳକମାନଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ବହୁ ଦୂର ପର୍ଯ୍ୟନ୍ତ ଯାନବାହାନର ଲମ୍ବା ଧାଡ଼ି ଲାଗି ରହିଥିବା ଦେଖିବାକୁ ମିଳିଥିଲା । ଏହାର ସୂଚନା ପାଇ ରାଜଗାଙ୍ଗପୁର ପୋଲିସ ଷ୍ଟେସନରୁ ପୋଲିସ କର୍ମଚାରୀମାନେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଅବରୋଧ ହଟାଇବା ପାଇଁ ଆନ୍ଦୋଳନକାରୀଙ୍କୁ ବୁଝାଇବା ପାଇଁ ଘଟଣାସ୍ଥଳରେ ପହଁଚିଥିଲେ । ଆନ୍ଦୋଳନକାରୀ, ଡାଲମିଆ ଭାରତ ସିମେଣ୍ଟ କମ୍ପାନୀ ପ୍ରତିନିଧି ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଆଲୋଚନା ଆରମ୍ଭ କରିବା ପାଇଁ ପ୍ରୟାସ ଜାରି ରହିଛି । ଯାହାଦ୍ୱାରା ସମସ୍ୟାର ସମାଧାନ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇପାରିବ ବୋଲି ଆଶା କରାଯାଉଥିଲା । କିନ୍ତୁ ପୋଲିସ୍ ପ୍ରଶାସନର ପ୍ରୟାସ ପରେ ମଧ୍ୟ ଆନ୍ଦୋଳନକାରୀମାନେ ସେମାନଙ୍କର ଦାବିରେ ଅଟଳ ରହିଥିଲେ । ସେମାନଙ୍କର ଅଭିଯୋଗ ଅନୁଯାୟୀ ସମସ୍ୟାର ସମାଧାନ ଏବଂ ନ୍ୟାୟୋଚିତ ସମାଧାନ ନିଶ୍ଚିତ ନହେବା ପର୍ଯ୍ୟନ୍ତ ଅବରୋଧ ଜାରି ରହିବ ବୋଲି ଆନ୍ଦୋଳନକାରୀମାନଙ୍କ ପକ୍ଷରୁ କୁହାଯାଇଛି । ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରିରହିଛି ।

# ଓଡିଶା ସେଲସ୍ ରିପ୍ରେଜେଣ୍ଟେଟିଭ ୟୁନିୟନର ୨୧ତମ ବାର୍ଷିକ ସମ୍ମିଳନୀ ଓ ନୂତନ କମିଟି ଗଠନ

ରାଉରକେଲା,୧୯/୧(ନି/ପ୍ର): ଓଡିଶା ସେଲସ୍ ରିପ୍ରେଜେଣ୍ଟେଟିଭ ୟୁନିୟନ ରାଉରକେଲା ୟୁନିଟ୍ ତରଫରୁ ୨୦୨୫ ବର୍ଷର ୨୧ତମ ବାର୍ଷିକ ସମ୍ମିଳନୀ ସେକ୍ଟର-୧୬ସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ସିଆଇଟିୟୁର ରାଜ୍ୟ ସମ୍ପାଦକ ବିମାନ ମାଇତି ଏବଂ ରାଉରକେଲା ସହରର ସୂନାମଧନ୍ୟ ଡାକ୍ତର ସୁଧୀର ରଞ୍ଜନ ସାମଲ ଯୋଗଦେଇଥିଲେ । ଏହି ସମ୍ମିଳନୀରୁ ଓଡିଶା ସେଲସ୍ ରିପ୍ରେଜେଣ୍ଟେଟିଭ ୟୁନିୟନର ରାଜ୍ୟ ସମ୍ପାଦକ ସୁଶାନ୍ତ ପଟ୍ଟନାୟକ ଏବଂ ରାଜ୍ୟ କମିଟି ସଦସ୍ୟ ମିଥୁଳେଶ ପାଣ୍ଡେ ପରିଚାଳନା କରିଥିଲେ । ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ଯଶୋଦନ୍ତ ବେହେରା ଏବଂ ଜିଲ୍ଲା କୋଷାଧ୍ୟକ୍ଷ ଲଳିତ କୁମାର ସ୍ୱାଇଁ ୟୁନିୟନର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । ସମ୍ମିଳନୀରେ ସେଲସ୍ ରିପ୍ରେଜେଣ୍ଟେଟିଭମାନଙ୍କ ସମସ୍ୟା ଲେକର ବୋର୍ଡ, ସରକାରଙ୍କ ଶ୍ରମିକ ମାରଣ ନିତି ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆଗାମୀ ଦିନର କାର୍ଯ୍ୟସୂଚୀ ଏବଂ ସର୍ବ ସହମତିରେ ୨୦୨୬ ପାଇଁ ଜିଲ୍ଲା କମିଟିର ଗଠନ କରାଯାଇଥିଲା । ୨୦୨୬ ପାଇଁ ନୂଆ ଜିଲ୍ଲା କମିଟିରେ ଜିଲ୍ଲା ସଭାପତି ଭାବେ ଜୟମିତ ଆଚମିରା, ଉପସଭାପତି ଭାବେ ନିହାର ରଞ୍ଜନ ସାମନ୍ତରାୟ, ସମ୍ପାଦକ ଭାବରେ ଯଶୋଦନ୍ତ ବେହେରା, କୋଷାଧ୍ୟକ୍ଷ ଭାବେ ଲଳିତ କୁମାର ସ୍ୱାଇଁ, ଜିଲ୍ଲା ସଭ୍ୟ ଭାବରେ ମନୋରଞ୍ଜନ ମହାନ୍ତି, ସଞ୍ଜୟ ବିଶୋଇ, ଅମିତ ଦାସ, ଜଗବନ୍ଧୁ ବାଲିକ, ସନ୍ତୋଷ କୁମାର ନାୟକ, ପି କେ ପୃଷ୍ଟି, ରାମେଶ୍ୱର ଦେବତା, କୃଷ୍ଣ ଚନ୍ଦ୍ର ଛୋଟରାୟ, ଯୋଗେଶ୍ୱର ସିଂହ ପ୍ରମୁଖଙ୍କୁ ଚୟନ କରାଯାଇଥିଲା ।

## ଭରତପୁର ବାଲିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

କେନ୍ଦ୍ରାପଡ଼ା,୧୯/୧(ନି/ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଜାନୁୟାରୀ ୧୫ ଓ ୧୬ ତାରିଖରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୧୬ତାରିଖ ଉତ୍ସବାପନୀ ଉତ୍ସବରେ କେନ୍ଦ୍ରାପଡା ମଣ୍ଡଳ ଏବି.ଇଓ ତଥା ବି.ଆର.ସିସି ବଳବେବ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଶିକ୍ଷାବିତ୍ ପ୍ରବୋଧ କୁମାର ଦାସ ସମ୍ମାନନୀୟ ଅତିଥି ଓ ସଭ୍ୟ ବୈରାଗୀ ଚରଣ ସାହୁ ଓ ଉପଦେଷ୍ଟା କମିଟିର ସଭ୍ୟ ଅଲେଖ ପ୍ରସାଦ ଦାସ ଉପସ୍ଥିତ ରହି ଶାରିରୀକ କ୍ରୀଡ଼ା ଯେ ମାନସିକ ସ୍ତରରେ ଶିଶୁର ସର୍ବାଙ୍ଗୀନ ବିକାଶରେ ସହାୟକ ତାହା ଛାତ୍ରୀମାନଙ୍କୁ ଉପଦେଶ ଦେବା ସହିତ ପୁରସ୍କାର ବିତରଣ କରିବା ସହିତ ବିଦ୍ୟାଳୟରୁ ଅବଶର ଗ୍ରହଣ କରିଥିବା ସଂସ୍କୃତ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ଦାସ, ଜ୍ଞାନୀ ଶିକ୍ଷୟିତ୍ରୀ ମିନତୀ ସ୍ୱାଇଁ ଉଚ୍ଚାସ ଓ ମାନପତ୍ରପ୍ରଦାନ କରିଥିଲେ ।

# ଜିଲ୍ଲା ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର

ରାଉରକେଲା,୧୯/୧(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ଛେଣ୍ଡ ସ୍ଥିତ ପାଠାଗାର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷାବିତ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ଗଗନ ହିହାରୀ ଧଳ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସାହିତ୍ୟରେ ବାସ୍ତବବାଦୀ ଚେତନା ଶୀର୍ଷକରେ ଆଲୋଚନା କରିବାକୁ ଯାଇ କହିଲେ ସାଧାରଣ ଲୋକଙ୍କ ବାସ୍ତବ ସ୍ପନ୍ଦନକୁ ବୁଝି ତାକୁ କାବ୍ୟର ଜଳମରେ ଚିତ୍ରିତ କରିବାକୁ ବାସ୍ତବବାଦୀ ସାହିତ୍ୟ କୁହାଯାଏ । ସେ ଫକିର ମୋହନଙ୍କ ଗଳ୍ପ ଉପନ୍ୟାସ ଠାରୁ ଆରମ୍ଭ କରି ସରଳାଦେବୀଙ୍କ ବାସନ୍ତୀ ଉପନ୍ୟାସ,ଭଗବତୀ ପାଣିଗ୍ରାହୀଙ୍କ ଶୀତଳା ଗଳ୍ପ,ଗୋପିନଥ ମହାନ୍ତିଙ୍କ ପରଜା ଉପନ୍ୟାସ,ସତି ରାଉରରାୟ,ଅନନ୍ତ ପଟ୍ଟନାୟକ ପ୍ରଭୃତିଙ୍କ ଗଳ୍ପ ଉପନ୍ୟାସରେ ବାସ୍ତବବାଦୀ ଚେତନାର ରୂପରେଖ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ । ସେ ଆହୁରି ମଧ୍ୟ ରାଉରକେଲାର କବି ରାଜୀବ ପାଣି ,ପରେଶ ବିଶ୍ୱାଳ, କୁଞ୍ଜବିହାରୀ ରାଉତ,ସୁଶାନ୍ତ ନାୟକଙ୍କ କବିତାରେ ଥିବା ବାସ୍ତବତାର ଚିତ୍ରର ଉଦାହରଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ସହରର ବରିଷ୍ଠ କବି ବଳରାମ ରାଉତ ଅଭିଭାଷଣରେ କହିଲେ ସାହିତ୍ୟର ଆମ ଚେତନାର ମୂଳ ଉତ୍ସ ଓ ସଂଘର୍ଷ ହିଁ ଜୀବନର ବାସ୍ତବତା । ପ୍ରତ୍ୟେକ କବି ବା ଲେଖକଙ୍କର ନିଜସ୍ୱ ଚେତନା ଓ ବୁଝିଭଙ୍ଗୀ ରହିଛି , ତାହାହିଁ ଆଜିର ସାହିତ୍ୟକୁ ରୁଦ୍ଧିମନ୍ତ କରିଛି । ପ୍ରାରମ୍ଭରେ କବି ସୁଶାନ୍ତ କୁମାର ନାୟକ ସଂପାଦକ କଥନ ସହ ସ୍ୱାଗତ ଅଭିଭାଷଣ ରଖିଥିଲେ । କବୀ ଅର୍ଚ୍ଚନା ପାତ୍ର ମଂଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶିଷ୍ଟ ଗାଳ୍ପିକ ଅଜୟ କୁମାର ମହାନ୍ତି ଗଳ୍ପ ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କବୀ ଗୀତାରାଣୀ ବେହେରା ଓ ସବିତା ପରିଡାଙ୍କ ସଂଯୋଜନାରେ କବି ପରେଶ ବିଶ୍ୱାଳ,ମାନବେନ୍ଦ୍ର ପଶାୟତ,ତ୍ରଜେନ୍ଦ୍ର ଦାଶ,ଉପେନ୍ଦ୍ର ବଣ୍ଟିଆ ,ବିବାକର ଦାଶ,ପ୍ରତାପ ପଣ୍ଡା ,ନିଲୁଞ୍ଜ ବିହାରୀ ଦାଶ, ବଳରାମ ଦାଶ,ବେବେନ୍ଦ୍ର ବଳ, ପ୍ରତାପ ତ୍ରିପାଠୀ ପ୍ରମୁଖ କବିତା ପାଠ କରିଥିଲା ବେଳେ ପ୍ରଫୁଲ୍ଲ ସାମଲ,ସୂର୍ଯ୍ୟମଣି ପଣ୍ଡା, ଦେବବ୍ରତ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପାଠାଗାରର କାର୍ଯ୍ୟକାରୀ ସଭାପତି ବ୍ରଜ କିଶୋର ପାଣି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରମିକ ବିରୋଧୀ ଶ୍ରମକୋଡ ବାତିଲ ଦାବିରେ ୧୨ ଫେବୃଆରୀ ସାଧାରଣ ଧର୍ମଘଟ ସଫଳ ପାଇଁ ଏଆଇଟିୟୁସିର ପ୍ରସ୍ତୁତି ବୈଠକ

ରାଉରକେଲା,୧୯/୧(ନି/ପ୍ର): ଶ୍ରମିକ ବିରୋଧୀ ଶ୍ରମକୋଡ ବାତିଲ , ରାଷ୍ଟ୍ରାୟତ ଶିଳ୍ପର ସରୋଜ କରଣ ବନ୍ଦ କରିବା , ମାସିକ ୨୮ହଜାର ଟଙ୍କା ସର୍ବନିମ୍ନ ମଜୁରୀ ଲାଗୁ , ରାଜ୍ୟରେ ୧୦ ଘଣ୍ଟା ଶ୍ରମ ଦିବସ ଓ ମହିଳା ମାନଙ୍କୁ ରାତ୍ରିକାଳିନ କାର୍ଯ୍ୟାଦେଶ ବାତିଲ କରିବା ସହ ଅନ୍ୟାନ୍ୟ ଦାବୀରେ ଆସନ୍ତା ଫେବୃଆରୀ ୧୨ ଏଆଇଟିୟୁସି ସମେତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଆଜି ଏଆଇଟିୟୁସି ଜିଲ୍ଲା କାର୍ଯ୍ୟାଳୟ ହରିବନ୍ଧୁ ଭବନ ଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ , ରାଜ୍ୟ ସମ୍ପାଦକ ପ୍ରବୋଧ ମହାନ୍ତି ,ବଳବ୍ୟ ବେଇ ଶ୍ରମିକ , ଚାଷୀ , ଖଟିକିଆ , ମେହନତୀ ମଣିଷର ବିରୋଧୀ ମୋଦୀ ସରକାର କ୍ଷମତାକୁ ଆସିବା ପରେ ଦେଶର ରେଲ , ଭେଲ୍ ,ଲଷାଟ ଶିଳ୍ପ , ବ୍ୟାଙ୍କ , ଇନ୍ସୁରେନ୍ସ ସମେତ ଅନ୍ୟାନ୍ୟ ରାଷ୍ଟ୍ରାୟତ ଶିଳ୍ପ ଗୁଡିକୁ ବଡ଼ ବଡ଼ ପୁଞ୍ଜିପତି ମାନଙ୍କ ହାତରେ ବିକ୍ରି କରି ଚାଲିଛି । ଶ୍ରମ ଆଇନକୁ ପରିବର୍ତ୍ତନ କରି ବଳ ପୂର୍ବକ ଭାବେ ଶ୍ରମକୋଡ ଲାଗୁକରୁଛି । ଏହା ଫଳରେ ଦେଶର କୋଟି କୋଟି ଶ୍ରମିକ ମାଲିକ ମାନଙ୍କ ଦ୍ୱାରା ଶୋଷିତ ହେବେ ଏବଂ ବେକାରୀ ସଂଖ୍ୟା ବଢ଼ିବ । ଏଣୁ ଏହା ବିରୁଦ୍ଧରେ ୧୨ ଫେବୃଆରୀ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଏଆଇଟିୟୁସି ର ସାଥୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ସଦାନନ୍ଦ ସାହୁ ବିଗତ ଦିନର କାର୍ଯ୍ୟଙ୍କୁ ସଂପର୍କରେ ବୈଠକରେ ଉପସ୍ଥାପନା କରିବା ସହ ଆଗାମୀ ଦିନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ମାଚିଲଦା କୁଲୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏଆଇଟିୟୁସି ସହ ୧୩ଟି ୟୁନିୟନ ପ୍ରତିନିଧି ମାନେ ଯୋଗ ଦେଇ ଧର୍ମଘଟକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ କରିଥିଲେ । ଏହି ବୈଠକରେ ରମେଶ ଷୋଠା, କମଳ ଶଣ୍ଢ , ସୀତାରାମ ପୃଷ୍ଟି, ବିନୟ କିଣ୍ଡା, ଗଣେଶ ଦାଇକ, ସୁଶାନ୍ତ ଲେଙ୍କା, ପ୍ରମୋଦ ବେହେରା, ମାରିଆ ମିଜ୍ ପ୍ରମୁଖ ନେତୃତ୍ୱ ଉପସ୍ଥିତ ଥିଲେ । ସବ୍ୟସାଚୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲାରେ ପ୍ରଥମ ଥର ପାଇଁ ସ୍କିପିଂ ପ୍ରତିଯୋଗିତା

ରାଉରକେଲା,୧୯/୧ (ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାରେ ପ୍ରଥମ ଥର ପାଇଁ ଓଜିନାଲ ପାଖ୍ୱାର କ୍ଲବ୍, ଗୋଲ୍ଡ ଜିମ୍ ଏବଂ ଡିଆରପି ଫ୍ୟାନ୍ କ୍ଲବ୍ ର ମିଳିତ ଆନୁକୂଲ୍ୟରେ ଏକ ସ୍କିପି (ବଉଡ଼ି ଡିଆଁ) ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପ୍ରାୟ ୪୫ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ । ଉଦିତନଗର ସ୍ଥିତ ଫିଟନେସ୍ ପାର୍କଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ମହୋଦୟ ଏବଂ ଆୟକର ଅଧିକାରୀ ଅଜୟ କୁମାର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରଞ୍ଜୟ ପ୍ରସାଦ, ଅଶୋକ ବିଶ୍ୱାଳ ଓ ଉର୍ମିଳା ଦାସ ଉପସ୍ଥିତ ଥିଲେ । ବିଧାୟକ ମହୋଦୟ ଶିଶୁମାନଙ୍କୁ ଭେଟି ସେମାନଙ୍କର ଉତ୍ସାହ ବଢ଼ାଇଥିବା ବେଳେ ଅଜୟ କୁମାର ନିଜେ ସ୍କିପିଂ କରି ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଅତିଥିମାନଙ୍କ ଅଭିଭାଷଣ: ବିଧାୟକ ମହୋଦୟ: 'ଓଜିଜିନାଲ ପାଖ୍ୱାର କ୍ଲବ୍ ସବୁବେଳେ ନୂଆ ନୂଆ ଖେଳ ମାଧ୍ୟମରେ ପିଲାମାନଙ୍କୁ ପ୍ରୋତ୍ସାହିତ କରିଆସୁଛି । ଏହା ଏକ ଶୁଭାରମ୍ଭ ମାତ୍ର । ଏହି ଖେଳ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରଚଳିତ । ଆମର ଲକ୍ଷ୍ୟ ହେଉଛି ରାଉରକେଲାର ପିଲାମାନେ ସୁନ୍ଦରଗଡ଼ ଜିଲ୍ଲା ପକ୍ଷରୁ ଏହି ଖେଳରେ ଭାଗ ନିଅନ୍ତୁ । 'ଅଜୟ କୁମାର (ଆୟକର ଅଧିକାରୀ): 'ତିନୋଟି ଫଙ୍ଗୁଆ ମିଳିତ ଭାବେ ଏଭଳି ଏକ ସୁନ୍ଦର ପ୍ରୟାସ କରିବା ପ୍ରଶଂସନୀୟ । 'ସହଯୋଗ ଓ ପରିଚାଳନା: ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବାପୁ ବାନାର୍ଜୀ, ମନୀଷ ତିୱାରୀ, ହରି ଶଙ୍କର ସାହୁ, ରିଙ୍କୁ ଅଗ୍ରୱାଲ, ଋଷି ସେବକ ଏବଂ ମନୀଷ ଶର୍ମା ପ୍ରମୁଖ ସହଯୋଗ କରିଥିଲେ । ଗୋଲ୍ଡ ଜିମ୍ ?ର କୋଚ୍ ଏବଂ ଅଧିକାରୀମାନେ ଖେଳକୁ ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ, ଯଦ୍ୟପି ଶିଶୁମାନଙ୍କର କୌତୁହଳି ଅସୁବିଧା ହୋଇନଥିଲା ।

## କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟର ୧୯୯୪ ମେଟ୍ରିକ ବ୍ୟାଚ ବନ୍ଧୁମିଳନ

କେନ୍ଦ୍ରାପଡ଼ା,୧୯/୧(ନି/ପ୍ର):କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୪ ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ସ୍ଥାନୀୟ ଦୁର୍ଗୁରିଆ ସ୍ଥିତ ବି. ଏସ. ଗାର୍ଡେନ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ଦୀର୍ଘ ୩୨ ବର୍ଷ ପରେ ସମସ୍ତ ବନ୍ଧୁମାନେ ଏକତ୍ରିତ ହୋଇ ଅତୀତରେ ବିଦ୍ୟାଳୟ ପଢା ସମୟର ସମସ୍ତ ତିକ୍ତ ମଧୁର ଅନୁଭୂତି ବଖାଣିଥିଲେ । ବିଦ୍ୟାଳୟ ଓ ବିଦ୍ୟାଳୟର ଶିକ୍ଷକ ମାନଙ୍କ ପ୍ରଚେଷ୍ଟା ଜାରଣକୁ ବର୍ତମାନ ସମୟରେ ଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି । ତେଣୁ ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଭା ର ବିକାଶ,ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା କରିବା ପାଇଁ ଆଜିର କାର୍ଯ୍ୟକ୍ରମରେ ନିଷ୍ପତ୍ତି ଗ୍ରହଣ କରାଗଲା । ଏହାର ପରିଚାଳନା ପାଇଁ ଏକ କମିଟି ଗଠନ କରାଗଲା । ଏହି କମିଟି ପାଇଁ ସଭାପତି - ଅଭିମନ୍ୟୁ ଗୋଛାୟତ, ଉପସଭାପତି- ଅମିତ ଅଗ୍ରୱାଲ, ସମ୍ପାଦକ -ଚିନ୍ମୟ ବିଶ୍ୱାଳ, ସହ- ସମ୍ପାଦକ -ମିର ହାଇଦର ଅଲ୍ଲା ଓ କୋଷାଧ୍ୟକ୍ଷ- ସେକ ଅଦିଲଲ୍ଲାହଙ୍କୁ ମନୋନୀତ କରାଗଲା । ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ ମିଶ୍ର, ବିଶ୍ୱରଞ୍ଜନ ରାଉତ,ଅକ୍ଷୟ କୁମାର ଦାସ, ଜିତେନ୍ଦ୍ର ବେହେରା, ରବୀନ୍ଦ୍ର ସାହୁ, ଗୌରାଙ୍ଗ ବେହେରା,ସେକ ମହମ୍ମଦ ନିୟାଜୁଦ୍ଦିନ, ଦେବେନ୍ଦ୍ର ଦାସ, ସୟଦ ମହମ୍ମଦ ସାଜିଦ, ସେକ ଅବଦୁଲ୍ଲା, ଅଶୋକ କୁମାର ଦାସ, ସେକ ତମନ, ପଦୁମାଲ ବାରିକ, ସେକ ଅକବର ହୁସେନ, ରଶ୍ମି ରଞ୍ଜନ ମହାରଣା, ସେକ ଫରଢ଼ାଣ୍ଡ, ସୁଶାନ୍ତ କୁମାର ମହଲା, ଜଗନ୍ନାଥ ବେହେରା ଓ ନାସିରୁଦ୍ଦିନ ଖାଁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆରଏସପିରେ 'ସେଲ୍‌ରେ ଗ୍ଲାଷ୍ଟ ଫର୍ଣ୍ଣେସ୍‌ର ଦକ୍ଷତା ଜାଚାଂ' ଉପରେ କର୍ମଶାଳା

ରାଉରକେଲା,୧୯/୧(ନି/ପ୍ର):ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଜାନୁଆରୀ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ 'ସେଲ୍‌ରେ ଗ୍ଲାଷ୍ଟ ଫର୍ଣ୍ଣେସ୍‌ର ଦକ୍ଷତା ଜାଚାଂ' ଉପରେ ଏକ ୩ ଦିନିଆ କର୍ମଶାଳା ଆୟୋଜିତ ହୋଇଥିଲା । ଜାନୁଆରୀ ୧୭ ତାରିଖରେ ମଦିରା ଚ୍ୟାମ୍‌ବର ତରଙ୍ଗିଣୀରେ ଆୟୋଜିତ ଏହାର ଉଦଯାପନୀ ଅଧିବେଶନରେ ଆରଏସପିର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା କାର୍ଯ୍ୟକ୍ରମର ବିଶେଷଜ୍ଞ ମତେଜେତର ଚକ୍ରର ଅନୁଜ ଭୌମିକ୍, ଏମଏମ ବିଭାଗର ସିଜିଏମ ଶ୍ରୀ ଟି ବିନୋଦ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ, ଏହି କର୍ମଶାଳାର